## ସଂକ୍ଷେପରେ

### ବାଇକ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଝରିଗାଁ,୧୧।୧(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ସେଣ୍ଟ୍ରାଲ୍ ନର୍ସରୀ ନିକଟରେ ଶନିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ମାମୁଁ ଓ ଭଣଜା ଗୁରୁତର ହୋଇଛନ୍ତି। ଏଥିସହ ଅନ୍ୟ ଜଣେ ବାଇକ ଆରୋହୀ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳେ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ଚନ୍ଦାହାଣ୍ଡି ଚାନ୍ଦିବେଡା ଗ୍ରାମର ମନ୍ତ୍ରରାମ ପଟେଲ୍(୨୫) ଏବଂ ତାଙ୍କ ମାମୁଁ ଅକାଲୁ ପଟେଲ୍(୪୦) ସକାଳୁ ଝରିଗାଁ ସାପ୍ତାହିକ ବଜାରକୁ ଆସି ପନିପରିବା ବିକ୍ରି କରି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ଶ୍ୟାମ ଅନ୍ତ(୨୧) ଏବଂ ନିଳକଣ୍ଠ ଗୌଡ ଚନ୍ଦାହାଣ୍ଡି ରାସ୍ତାରେ ଫେରୁଥିବା ବେଳେ ଦୁଇ ବାଇକ ମୁହାଁମୁହିଁ ହୋଇଥିଲେ। ଏଥିରେ ମନ୍ତ୍ରରାମ ଓ ଅକାଲୁ ଗୁରୁତର ହୋଇଥିଲେ। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ୨୮୯ ଛାତ୍ରୀଛାତ୍ର ଦେଲେ ନବୋଦୟ ପ୍ରବେଶିକ ପରୀକ୍ଷା

ଡାବୁଗାଁ, ୧୧।୧ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ୨ଟି କେନ୍ଦ୍ରରେ ଜବାହାର ନବୋଦୟ ପ୍ରବେଶିକ ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି । ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ୧୪୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏଥିରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାରଙ୍କ ସହ ୮ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ । ସେହିପରି ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ସ୍ୱାଇଁଙ୍କ ସମେତ ୮ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ । ପର୍ଯ୍ୟବେକ୍ଷକ ଭାବେ ଖାତିଗୁଡା ଜବାହାର ନବୋଦୟ ବିଦ୍ୟାଳୟର ଭାନୁ ପ୍ରତାପ ସିଂ ଉପସ୍ଥିତ ଥିଲେ । ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

# ୪ କି.ମି. ଚାଲି ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ ବିଡିଓ

ତେନ୍ତୁଲିଖୁଣ୍ଟି,୧୧।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡା ପଞ୍ଚାୟତର ଦୁର୍ଗମ ଅଞ୍ଚଳ କାଦମାଳି ଗ୍ରାମକୁ ଯିବା ପାଇଁ ରାସ୍ତା ନାହିଁ। କେବଳ ପଡିଛି ପାଦଚଲା ରାସ୍ତା। ତଥାପି ଲୋକଙ୍କ ସମସ୍ୟା ବୁଝିବା ପାଇଁ ଶନିବାର ଦୀର୍ଘ ୪ କି.ମି ଚାଲି ଚାଲି ଗାଁରେ ପହଞ୍ଚିଥିଲେ ବିଡିଓ ଅକ୍ଷମିତା କାର୍ତ୍ତିକ । ଉକ୍ତ ଗ୍ରାମରେ ପହଞ୍ଚି ଘରକୁ ଘର ବୁଲି ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଜବକାର୍ଡରେ କାମ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଗ୍ରାମର ଅଧିକାଂଶ ପରିବାର ଗୃହପାଳିତ ପ୍ରାଣୀ ରଖିଥିବା ବେଳେ ଗୁହାଳ ନ ଥିବା ଦେଖିବାକୁ ପାଇଥିଲେ। ଏମଏଜିଏନ୍ଆର୍ଇଜିଏସ୍‌ରେ ଗୁହାଳ ଘର ଯୋଗାଇ ଦେବା ପାଇଁ ବିଡିଓ ନାମ ପଞ୍ଜୀକୃତ କରିଥିଲେ। କୁର୍ମାକୋଟ ଠାରୁ କାଦମାଳି ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ବୃଦ୍ଧା ସାବି ସାନ୍ତାଙ୍କୁ ବିଡିଓ ଏକ ହଜାର ଟଙ୍କା ପ୍ରଦାନ କରିଥିଲେ। ନୂଆଗୁଡା, କାନ୍ଦ୍ରାଗୁଡା, କାଦମାଳି, ଖୁଣ୍ଟିପଦର ଆଦି ଗ୍ରାମର ସମସ୍ୟା ସମାଧାନ ତୁରନ୍ତ କରାଯିବ ବୋଲି ବିଡିଓ କହିଥିଲେ। ବିଡିଓଙ୍କ ସହ କନିଷ୍ଠ ଯନ୍ତ୍ରୀ ଭରତ ରାଉତ,ମୁନା ଭତ୍ରା ମଧ୍ୟ କାଦମାଳି ଗ୍ରାମକୁ ଯାଇଥିଲେ।


ବିଡିଓ ଅକ୍ଷମିତା କାର୍ତ୍ତିକ ଚାଲି ଚାଲି ଯାଉଥିବା ବେଳେ ଜଣେ ବୃଦ୍ଧାଙ୍କୁ ସମସ୍ୟା ପଚାରି ବୁଝୁଛନ୍ତି।

# ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସେଲ୍‌ର କ୍ୟାଲେଣ୍ଡର ଉନ୍ମୋଚିତ

ନବରଙ୍ଗପୁର,୧୧।୧(ବି.ପ୍ର.)

ଜିଲାସ୍ତରୀୟ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସେଲର ପ୍ରଥମ ବୈଠକ ଡିୟର ପାର୍କଠାରେ ଅନୁଷ୍ଠିତ ହୋଇ ଯାଇଛି । ନବରଙ୍ଗପୁର ପ୍ରଧାନ ମଣ୍ଡଳୀର ପରିଚାଳକ ତଥା ଜାମ୍ବିଗୁଡା ପ୍ରଧାନ ମଣ୍ଡଳିର ପରିଚାଳକ ରେଭ ଅନନ୍ତ ନାଗ, କୋଷାଗୁମୁଡା ପରିଚାଳକ ରେଭ ଶିଶିର କାନ୍ତ ଗଣ୍ଡା କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ । କୋଷାଗୁମୁଡା ବାମୁଣୀ ପଞ୍ଚାୟତର ନାବାଳିକା ହତ୍ୟା ଘଟଣାରେ ନୀରବ ପ୍ରାର୍ଥନା କରାଯାଇଥିଲା । ଝରିଗାଁର ଅନୁସୂଚିତ ଜନଜାତି ଛାତ୍ରୀ ମରିୟମ ସାନ୍ତା ଓଡିଶା ପ୍ରଶାସନିକ ସେବାରେ ଉର୍ତ୍ତିର୍ଣ୍ଣ ହୋଇଥିବାରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ଜିଲାରେ ୯୭ ଖ୍ରୀଷ୍ଟିଆନ ପରିବାର ତଥା ୧ ଲକ୍ଷ ୯୭ ହଜାର ଖ୍ରୀଷ୍ଟଧର୍ମାବଲମ୍ବି ବସବାସ କରୁଛନ୍ତି ବୋଲି ସୂଚନା ଦିଆଯାଇଥିଲା। ସ୍ୱାଧିନତାର ୭୨ ବର୍ଷ ପରେ ମଧ୍ୟ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅବହେଳିତ କରାଯାଇଛି ବୋଲି ଅତିଥି ମାନେ କହିଥିଲେ । ଜିଲା ସଂଖ୍ୟାଲଘୁ ସେଲର ସଭାପତି ସୁଧିର ପାତ୍ର, ଉପସଭାପତି ତୀର୍ଥ ଚରଣ ନାୟକ, ରେଭ ଉଲ୍ଲାସ କର, ଗୌରଭ କାଉଁରୀ, ବିକ୍ରମ ନାଗ, ଦୟାନିଧି ସୁନା, ଉପଦେଷ୍ଟା ଡଃ. ତିମତି ଛଞ୍ଚାଣୀ, ଅନାଦି କର, ପାପଡାହାଣ୍ଡି ବ୍ଲକ ସଭାପତି ସୁକାନ୍ତ ନାଗ, ନବରଙ୍ଗପୁର ସଭାପତି ଦେବେନ୍ଦ୍ର କଟିମ, ନନ୍ଦାହାଣ୍ଡି ବ୍ଲକ ସଭାପତି ଦିବ୍ୟଦାନ ସୁନା, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ଜୀବନ ଚନ୍ଦ୍ର ଟାକ୍ରୀ, ଡାବୁଗାଁ ବ୍ଲକର ଅବ୍ରାହିମ ସୁନା ସମେତ ସଂଜୟ ସୁନା, ଅନୀଲ ଦିନବନ୍ଧୁ, ନବ କିରଣ ନାଗ ଯୋଗ ଦେଇଥିଲେ।


ଅତିଥିମାନେ କ୍ୟାଲେଣ୍ଡର ଉନ୍ମୋଚନ କରିଛନ୍ତି।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସ୍ୱପ୍ନ ଦେଖ'

ନବରଙ୍ଗପୁର,୧୧।୧(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଉଦଯାପିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ଉନ୍ନୟନ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ପାଠ ପଢି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସ୍ୱପ୍ନ ଦେଖ । ସ୍ୱପ୍ନ ସାକାର କରିବା ପାଇଁ ଉଦ୍ୟମ କରନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟବକ୍ତା ଭାବେ ଡାବୁଗାଁ ବିଧାୟକ ତଥା ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ କହିଥିଲେ ଯେ, ଏହି ମହାବିଦ୍ୟାଳୟରେ ପାଠ ପଢି ଏହି ସ୍ଥାନରେ ପହଞ୍ଚି ପାରିଛି । ଆସନ୍ତା ୨୦୨୧ରେ ୫୦ ବର୍ଷ ପୂର୍ତ୍ତି ହେବ । ଏନେଇ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପାଇଁ ୬ ମାସ ଆଗରୁ ପ୍ରସ୍ତୁତ ହେବାକୁ କହିଥିଲେ । ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଉଦ୍ୟମ ରହିଛି । ଆଗକୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ହଷ୍ଟେଲ ସୁବିଧା ପାଇଁ ଯେଉଁ ଦାବି ରହିଛି ତାହା କରାଯିବ । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସମ୍ଭୁନାଥ ହୋତା ମଞ୍ଚ ସଂଚାଳନ କରିଥିଲେ । ଅଧ୍ୟାପକ ଦିଲ୍ଲିପ ହୋତା ଓ ଅଧ୍ୟାପକମନେ ସହଯୋଗ କରିଥିଥିଲେ । କ୍ରୀଡା ଉତ୍ସବରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମାନ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ବକ୍ତୃତା , ଝୋଟି, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା ଆଦି ଅନୁଷ୍ଠିତ ହେଇଥିଲା । ଛାତ୍ରୀ ମାନଙ୍କ ଅଂଶ ଗ୍ରହଣ ଅଧିକ ରହିଥିଲା ବୋଲି ଅଧ୍ୟାପକ ଦିଲିପ ହୋତା ମଂଚରେ ସୂଚନା ଦେଇଥିଲେ । ବିଡମ୍ବନାର ବିଷୟ ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ ଛାତ୍ର ସଂଗଠନ, ବିଭିନ୍ନ ରାଜନୈତିକ ଦଳ, ପୁରାତନ ଛାତ୍ର ଓ ଜନସାଧାରଣ ଦାବୀ କରି ଆସୁଥିଲେ ମଧ୍ୟ କୌଣସି ଅତିଥି ଏନେଇ ପଦୁଟିଏ କହିନଥିଲେ ।


ମନ୍ତ୍ରୀ ପଦ୍ମିନୀ ଦିଆନ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରୁଛନ୍ତି।

# ଆକ୍ରମଣ ଘଟଣା, ୨ ଗିରଫ

ବ୍ରହ୍ମପୁର ଅଫିସ,୧୧।୧

ଜଣେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନମୋହନପୁର ଗ୍ରାମର ୨ ଭାଇ ଟିକୁ ଓରଫ ଅମରେଶ ପଣ୍ଡା (୨୭) ଓ ମିକୁ ଓରଫ ସମରେଶ ପଣ୍ଡା (୨୩) । ମାମଲା ନମ୍ବର ୭/୨୦ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଗତ ୭ ତାରିଖ ରାତିରେ ଖବରଦାତା ପାଣି ଟାଙ୍କି ଛକରେ ଥିବା ଏକ ତେଜରାତି ଦୋକାନକୁ ଜିନିଷ କିଣିବାକୁ ଯାଇଥିଲେ। ସାମଗ୍ରୀ ମାଗିବାକୁ କେନ୍ଦ୍ରକରି ଦୋକାନୀ ଖବରଦାତାଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଟିଙ୍କୁ ଓ ମିକୁ ମିଶି କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏପରିକି ସେ ପିନ୍ଧିଥିବା ଅଢେଇ ତୋଳାର ସୁନା ଚେନ ୨ ଭାଇ ନେଇଯାଇଥିଲେ ବୋଲି ଖବରଦାତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୧୧।୧(ବି.ପ୍ର.)– ନବରଙ୍ଗପୁର ଜିଲା ସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶନିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ସଚେତନତା ରଥର ମଧ୍ୟ ଶୁଭାରମ୍ଭ କରାଯାଇଛି। ଶୋଭାଯାତ୍ରା ଓ ପ୍ରଚାର ରଥକୁ ଜିଲାପାଳ ଅଜିତ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରା ବାହାରି ଘରୋଇ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ସଡକ ସୁରକ୍ଷା ଓ ଜୀବନ ରକ୍ଷା ଓ ଆଇନ ସମ୍ପର୍କିତ ପ୍ରଚାର ପତ୍ର ମଧ୍ୟ ସହରରେ ବିତରଣ କରାଯାଇଥିଲା । ସଚେତନତା ରଥ ଜିଲାର ୧୦ଟି ବ୍ଲକ ପରିକ୍ରମା କରି ମୋଟର ଆଇନ, ସଡକ ସୁରକ୍ଷା ନେଇ ସଚେତନ କରାଇବ । ୧୭ ତାରିଖରେ ଜିଲ ସଦର ମହକୁମାଠାରେ ଉଦଯାପନୀ ହେବ । ଏହି କାର୍ଯ୍ୟକ୍ରମରେ ଏସପି ନିତୀନ କୁସଲକର, ଆଞ୍ଚଳିକ ପରିବହନ ଅଧିକାରୀ, ମୋଟର ଯାନ ନିରିକ୍ଷଣ ଅଧିକାରୀ, କର୍ମଚାରୀ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।


ଶୋଭାଯାତ୍ରାରେ ଛାତ୍ରୀ ଛାତ୍ର ଓ ଅଧିକାରୀ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଡାବୁଗାଁ,୧୧।୧ (ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟଠାରେ ଜିଲା ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ତଥା ମନସ୍ତତ୍ତ୍ୱବିତ ବିଭୂଦତ୍ତ ସେଠୀ, ଶ୍ରବଣ ଚିକିତ୍ସକ ଶିବପ୍ରସାଦ ସାହୁ, ଭୌତିକ ଚିକିତ୍ସକ ଘନଶ୍ୟାମ ବେହେରା, କୃତ୍ରିମ ଅଙ୍ଗପ୍ରତିରୋପଣ ଚିକିତ୍ସକ ନବଘନ ସେଠୀ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୧୦୦ ଛାତ୍ରୀ ଛାତ୍ର ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା, କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ ଛନ୍ଦା ଚରଣ ମେହେର ଓ ଲଳିତ କୁମାର ଦାଶ ପରିଚାଳନା କରିଥିଲେ।


ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ■ କ୍ରିକେଟ ମହାକୁମ୍ଭ ପାଇଁ ଚଳଚଞ୍ଚଳ ଚନ୍ଦାହାଣ୍ଡି

# ୧୯ରେ ଆନ୍ତଃରାଜ୍ୟ ଯାଦବ ମାଝି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଚନ୍ଦାହାଣ୍ଡି, ୧୧।୧,(ଡି.ଏନ.ଏ.)

- ■ ଭାଗ ନେବେ ୧୬ ଦଳ
- ■ ୧୫ ଦିନ ଧରି ଅନୁଷ୍ଠିତ ହେବ
- ■ ୨ରେ ଉଦ୍‌ଯାପନୀ ଦିବସ
- ■ ସଜେଇ ହେଉଛି ଗଦାଧର ଷ୍ଟାଡିୟମ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡାସ୍ଥିତ ଗଦାଧର ଷ୍ଟାଡିୟମଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଆନ୍ତଃରାଜ୍ୟ ଯାଦବ ମାଝି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ତାରିଖରୁ ଆରମ୍ଭ ହେବ । ଏହି କ୍ରିକେଟ ମହାକୁମ୍ଭ ପାଇଁ ଚନ୍ଦାହାଣ୍ଡି ଚଳଚଞ୍ଚଳ ହୋଇଉଠିଛି । ଏହି ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡର ୧୬ କ୍ରିକେଟ ଦଳ ଭାଗ ନେବେ।

ଉକ୍ତ ପ୍ରତିଯୋଗିତା ୧୯ରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖରେ ଉଦଯାପନ ହେବ। ୨୦୦୧ ମସିହାରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝିଙ୍କ ନାମରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଦୀର୍ଘ ୨୦ ବର୍ଷ ହେଲା ଏହା ଅନୁଷ୍ଠିତ ହୋଇଆସୁଛି। ଜିଲା ତଥା ରାଜ୍ୟ ବାହାରେ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟ ଲୋକପ୍ରିୟ ହୋଇପାରିଛି। ଏହି ପ୍ରତିଯୋଗୀତାକୁ ଦେଖିବା ପାଇଁ ଅଞ୍ଚଳର କ୍ରିକେଟପ୍ରେମୀ ତଥା ଯୁବଗୋଷ୍ଠୀ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ଏହି ଖେଳ ଦ୍ୱାରା ଯୁବଗୋଷ୍ଠୀ କ୍ରିକେଟ ଖେଳି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ଜିଲାର ଗୌରବ ଆଣିଛନ୍ତି। ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା କ୍ରିକେଟ ଖେଳାଳି ତଥା ଉଦଘାଟନ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଓ ବିଶିଷ୍ଟ ଅତିଥିମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା କରାଯାଇଥିବା ପଲ୍ଲୀଶ୍ରୀ ଯୁବକ ସଂଘର ସମ୍ପାଦକ ସଂଗ୍ରାମ କେଶରୀ ସାହୁ ସୂଚନା ଦେଇଛନ୍ତି । ଧୋଡିପାଣିସ୍ଥିତ ଗଦାଧର ଷ୍ଟାଡିୟମରେ କ୍ରିକେଟ ପ୍ରତିଯୋଗିତା ଆୟୋଜନ ହେବାକୁ ଥିବାବେଳେ ଉକ୍ତ ଷ୍ଟାଡିୟମକୁ ଯୁଦ୍ଧକାଳୀନ ଭିତ୍ତିରେ ନୂଆରୂପ ଦିଆଯାଉଛି। ଦର୍ଶକମାନଙ୍କ ପ୍ରବଳ ଜନସମାଗମ ହେବାର ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ଜଣାପଡିଛି ।

## ■ ଫସର ଫାଟୁଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

# ଚାଷୀଙ୍କୁ ମିଳୁନି ବୀମା ଟଙ୍କା

ନବରଙ୍ଗପୁର,୧୧।୧(ବି.ପ୍ର.)

- ■ ଖାଉଟି ଅଦାଲତରେ ବୃଦ୍ଧି ପାଉଛି ଚାଷୀଙ୍କ ଅଭିଯୋଗ
- ■ ନୋଟିସର ଉତ୍ତର ଦେଉନାହାନ୍ତି ପକ୍ଷଭୁକ୍ତ

ନବରଙ୍ଗପୁର ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଫସର ଫାଟିଛି । ୨୦୧୮ ଖରିଫ ଋତୁ ଚାଷ ପାଇଁ ଜିଲାର ୧୦ଟି ବ୍ଲକର ଅନେକ ଚାଷୀ ଟଙ୍କା ଜମା କରି ଏଯାଏ ବୀମା ଟଙ୍କା ପାଇ ପାରୁ ନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେବା ପରେ ୧୫୦ ଚାଷୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଚାଷୀଙ୍କ ଅଭିଯୋଗକୁ ଆଧାର କରି ଅଦାଲତ ପକ୍ଷରୁ ଏମ.ଏସ. ଚୋଲା ଜେନେରାଲ ଇନସୁରାନ୍ସ,ନବରଙ୍ଗପୁର ଉପ ଜିଲା ମୁଖ୍ୟ କୃଷି ନିର୍ଦ୍ଦେଶକ, କୃଷି ବିଭାଗ ସଚିବ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ନୋଟିସ ଜାରି କରାଯାଇଛି। ନୋଟିସ ଜାରିର ୯୦ ଦିନ ବିତିଗଲାଣି କୌଣସି ବିଭାଗ ପକ୍ଷରୁ ଖାଉଟି ଅଦାଲତକୁ ଉତ୍ତର ମିଳିନାହିଁ । ନବରଙ୍ଗପୁର ଜିଲାରେ ୨୦୧୮ ଖରିଫ ଋତୁ ଧାନ, ମକା, ଚିନାବାଦାମ ଓ ହରଡ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯାଇ ପାରିବ ବୋଲି ଓଡିଶା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା । ଅଣ ଋଣି କୃଷକ ମାନେ ନିଜସ୍ୱ ପୁଞ୍ଜି ବିନିଯୋଗ କରି ଉପରୋକ୍ତ ଫସଲ ଚାଷ କରିଛନ୍ତି। ସେମାନଙ୍କ ପାଇଁ ଫସଲ ବୀମା ଇଚ୍ଛାଧିନ ଓ ସର୍ତ୍ତସାପେକ୍ଷ ରହିଥିଲା । ସେମାନେ ନିକଟସ୍ଥ ବ୍ୟାଙ୍କ, ଜନସେବା କେନ୍ଦ୍ର, ପ୍ରାଥମିକ କୃଷିଋଣ ସମବାୟ ସମିତି,ଲ୍ୟାମ୍ପ୍ସରେ ନାମ ପଞ୍ଜୀକରଣ କରି ପ୍ରିମିୟମ ଦେୟ ଦାଖଲ କରିବେ । ଯେଉଁ ଚାଷୀମାନେ ନିକଟସ୍ଥ ବ୍ୟାଙ୍କରୁ ଋଣ ଆଣି ଉପରୋକ୍ତ ଚାଷ କରୁଛନ୍ତି ସେମାନେ ବାଧ୍ୟତା ମୂଳକ ଭାବେ ବୀମା ଭୂକ୍ତ କରାଯିବ ବୋଲି ସରକାର ନିୟମ କଲେ । ଧାନ ଚାଷୀ ଏକର ପିଛା ୩୭୦ ଟଙ୍କା ହିସାବରେ ପ୍ରିମିୟମ ଟଙ୍କା ଜମା କଲେ । ଏନେଇ ହେକ୍ଟର(ଅଢେଇ ଏକର) ଜମି ଧାନ ଚାଷ ପାଇଁ ୯୨୫ ଟଙ୍କା ଲେଖାଏ ପ୍ରିମିୟମ ଚାଷୀ ଜମା କରିଛନ୍ତି । ବର୍ଷା ଅଭାବ ଯୋଗୁଁ ସରକାର ନବରଙ୍ଗପୁର ଜିଲାକୁ ମରୁଡି ଘୋଷଣା କଲେ। ୮୯୬ ଗାଁ ମଧ୍ୟରୁ ୭୫୪ ରାଜସ୍ୱ ଗାଁରେ କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ ସହ କ୍ରପ କଟିଂ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଗଲା । ତେବେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଚାଷୀଙ୍କ ତାଲିକା ଏବେ କୃଷି ବିଭାଗ ପାଖରେ ଠିକ ଭାବେ ନାହିଁ। ଯାହା ସବୁ ତାଲିକା ସରକାରଙ୍କ ନିକଟରେ ରହିଛି ବୋଲି ଉତ୍ତର ମିଳୁଛି । ବହୁ ବିଳମ୍ବରେ କେତେକ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ସେମାନଙ୍କ ଆକାଉଣ୍ଟକୁ ସିଧାସଳଖ ଆସିଥିବା ବେଳେ ଅନେକ ଚାଷୀ ଏଯାଏ ଫସଲ ବୀମା ଟଙ୍କା ପାଇ ନ ଥିବା ନେଇ ଅଭିଯୋଗ କରି ଆସୁଛନ୍ତି। ବିପର୍ଯ୍ୟୟ କାରଣରୁ ବୀମା ଏକକ ଅଞ୍ଚଳରେ ଶତକଡା ୭୫ ଭାଗରୁ ଅଧିକ ଫସଲ ବୁଣା, ରୁଆ ହୋଇ ନପାରିଲେ ମିଳିତ ଆକଳନ ପରେ ୨୫ ପ୍ରତିଶତ ବୀମା ରାଶି ଚାଷୀ ପାଇ ପାରିବେ। ଫସଲ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ ଯଦି ବନ୍ୟା, ବାତ୍ୟା, ମରୁଡି, ରୋଗପୋକ, ଭୂସ୍ଖଳନ ଜନିତ କ୍ଷତି ଘଟେ କୃଷି, ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ଏବଂ ବୀମା କମ୍ପାନୀର ମିଳିତ ଆକଳନ ଅନୁଯାଇ କ୍ଷତି ପୂରଣ ପାଇବାକୁ ଯୋଗ୍ୟ ହେବେ। ଚାଷୀଙ୍କୁ ସଚେତନ କରାଯିବା ସହ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯିବାକୁ କୁହାଗଲା। ଏନେଇ ଚାଷୀ ଫସଲ ବୀମା କଲେ। ୨୦୧୮ରେ ଜିଲାରେ ମରୁଡି ଲାଗି ଧାନ ଚାଷ ନଷ୍ଟ ହେଲା। ସରକାର ନବରଙ୍ଗପୁର ଜିଲାକୁ ମରୁଡି ଘୋଷଣା କଲେ। ବୀମା କମ୍ପାନୀ ଚାଷୀଙ୍କୁ ଏବେ ବୀମା ଟଙ୍କା ଦେଉନଥିବାରୁ ଚାଷୀ କୃଷି ବିଭାଗ ଓ ଜିଲାପାଳଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି।



## ସଂକ୍ଷେପରେ



### ୪୨୪ ଜଣଙ୍କୁ ମିଳିଲା ଭତ୍ତା

**ଜୟପୁର,୧୧।୧ (ଡି.ଏନ୍.ଏ./ନି.ପ୍ର.):** ମଧୁବାବୁ ପେନସନ ଯୋଜନାରେ ଶନିବାର ୪୨୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ବାଣ୍ଟିଛି ଜୟପୁର ପୌରସଂସ୍ଥା। ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ୨୭୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୮୬ ଜଣଙ୍କୁ ବିଧବା ଭତ୍ତା, ୩୧ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୩୫ ଜଣଙ୍କୁ ଅବିବାହିତ ମହିଳା ହିତାଧିକାରୀ ଭାବେ ଭତ୍ତା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ, ପୂର୍ବତନ କାଉନସିଲର ନବୀନ ପାତ୍ର, ଯଶପାଲ ସିଂ, ମନୋଜ ବେହେରା, ବାଦଲ ସାନ୍ତ୍ରାପାତ୍ର, ସୀମାଞ୍ଚଳ ବିଶୋୟୀ, ଜ୍ୟୋତ୍ସ୍ନା ମହାନ୍ତି, ୟାଏସ ଖାନା, ମୁଖ୍ୟ କିରାଣି କଷ୍ଟଚନ୍ଦ୍ର ପାଳ, ଷ୍ଟେନୋ ଗୋପାଳ ସାହୁ ଉପସ୍ଥିତ ଥିଲେ।

### କୋରାପୁଟରେ ପେନସନ ଅଦାଲତ



**ସେମିଲିଗୁଡ଼ା,୧୧।୧(ସ୍ୱ.ପ୍ର.):** ଜିଲା ପ୍ରଶାସନର ଉଦ୍ୟମରେ କୋରାପୁଟ ସଦ୍‌ଭାବନା ସଭାଗୃହରେ ଶନିବାର ପୂର୍ବାହ୍ନ ୧୧ଟାରେ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ବୈପାରୀଗୁଡ଼ା, ପଟ୍ଟାଙ୍ଗି, ଜୟପୁର, କୋଟପାଡ଼, ସେମିଲିଗୁଡ଼ା, ନନ୍ଦପୁର, ଲକ୍ଷ୍ମୀପୁର ଓ ଦଶମନ୍ତପୁର ସମେତ ଜିଲାର ୧୪ଟି ବ୍ଲକର ଶତାଧିକ ବିଭିନ୍ନ ସରକାରୀ ବିଭାଗରେ କାମକରି ଅବସର ନେଇଥିବା ପେନସନଧାରୀଙ୍କୁ ଚିହ୍ନଟ କରି ପେନସନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏଜି ଅଫିସ୍ ଅଧିକାରୀ, କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ୧୦ ଦିନ ପରେ ହଟିଲା ଧାରଣା

**ଜୟପୁର,୧୧।୧(ନି.ପ୍ର./ଡି.ଏନ୍.ଏ.):** କୋରାପୁଟ ଜିଲା ସ୍ୱାସ୍ଥ୍ୟ ସମିତି ଓ ରୋଗୀ କଲ୍ୟାଣ ସମିତିର କର୍ମଚାରୀଙ୍କ ଧାରଣା ୧୦ ଦିନ ପରେ ଶନିବାର ପ୍ରତ୍ୟାହାର ହୋଇଛି। ସିଟି କୋର୍ଡିନେସନ କମିଟିର ସଦସ୍ୟ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ ଧାରଣାରତ କର୍ମଚାରୀଙ୍କୁ ବୁଝାଶୁଝା କରିବା ପରେ ଏହି ଧାରଣା ହଟିଛି। କର୍ମଚାରୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଦୀର୍ଘବର୍ଷ ଧରି ଅସ୍ଥାୟୀ ଭାବେ କାମ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଜିଲା ଚିକିତ୍ସାଳୟରେ ଖାଲି ଥିବା ପଦବୀ ପୂରଣ ଭଳି ବିଭିନ୍ନ ଦାବି ରହିଛି।

### ଦୁର୍ନୀତି ହଟାଇବ ଏକତା ସୁରକ୍ଷା ମଞ୍ଚ

**ଦଶମନ୍ତପୁର,୧୧।୧(ଡି.ଏନ୍.ଏ.):** ଚାରିଆଡ଼େ ଦୁର୍ନୀତି ବଢୁଥିବା ବେଳେ ପ୍ରଶାସନ ଓ ସରକାର ନିରବଦ୍ରଷ୍ଟା। ତେଣୁ ଏହାକୁ ରୋକିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ସାଧାରଣ ଜନତା। ଏ ଦିଗରେ ଏକତା ସୁରକ୍ଷା ମଞ୍ଚ ଗଢ଼ିବା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ମଧ ବସିଛି। ମଞ୍ଚ ଆବାହକ କୁମର ଜାନୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ଖମ୍ବେଶ୍ୱରୀ ଠାକୁରାଣୀ ପୀଠର ପୂଜକ ପରମା ପାତ୍ର, ଭୀମ ଲମତା, ବାରା ଜାନୀ, ଆପେନା ଭତ୍ରା ଯୋଗ ଦେଇଥିଲେ। ଏଥିରେ ଚଣ୍ଡାବାଡ଼, ଚିକାମ୍ବ, ଦଶମନ୍ତପୁର, ମୁର୍କାର, ଗିର୍ଲିଗୁମ୍ମା, ପାଇକ ଫୁଲବେଡ଼ା ପଞ୍ଚାୟତରୁ ଶତାଧିକ ଆଦିବାସୀ ଓ ଅଣ ଆଦିବାସୀ ଜନସାଧାରଣ ସାମିଲ ହୋଇଥିଲେ। ବ୍ଲକରେ କାଳିଆ ଯୋଜନା, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଆବାସ, ଭତ୍ତା ବଣ୍ଟନ, ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି ରୋକିବା ଏହି ମଞ୍ଚର ମୁଖ୍ୟ ଉଦ୍ଦେଶ୍ୟ।

# ପୁଣି ତେଜିଲା ଆଦିବାସୀ ମାନ୍ୟତା ଦାବି

**ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଦୋରା ସମ୍ପ୍ରଦାୟ**

**ପଟ୍ଟାଙ୍ଗି,୧୧।୧(ଡି.ଏନ୍.ଏ.)**

କୋରାପୁଟ ଜିଲାର ଅନେକ ସମ୍ପ୍ରଦାୟ ଦୀର୍ଘଦିନରୁ ଆଦିବାସୀ ମାନ୍ୟତା ଦାବି କରିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ଦୋରା ସମ୍ପ୍ରଦାୟ। ରାଜ୍ୟ ସରକାର ସେମାନଙ୍କୁ ଏହି ମାନ୍ୟତା ଦେବାରେ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ପୁଣିଥରେ ସେହି ଦାବି ତେଜିଛି। କିଛିଦିନ ତଳେ ଦୁରୁଆମାନେ ଆଦିବାସୀ ମାନ୍ୟତା ଦାବ କରିଥିଲେ। ଏବେ ସେହି ଦାବି ଦୋହରାଇଛନ୍ତି ଦୋରା ସମ୍ପ୍ରଦାୟ।

ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ଆସିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଦାବିପତ୍ର ଦେଇଛି ଦୋରା ସମ୍ପ୍ରଦାୟ। ଦୋରା ସମ୍ପ୍ରଦାୟର ଜିଲା ସଂଘ ଆବାହକ ତାଉଡୁ ଦୋରାଙ୍କ ନେତୃତ୍ୱରେ ଦୁଇ ପୃଷ୍ଠା ସମ୍ବଳିତ ଦାବିପତ୍ର ଦିଆଯାଇଛି। ମୁକାଦୋରା (ନୁକାଦୋରା) ସମ୍ପ୍ରଦାୟ ଦୀର୍ଘ ଦିନରୁ ଆଦିବାସୀ ମାନ୍ୟତା ଦାବି କରି ନିଜ ସପକ୍ଷରେ ଥିବା ମାଡ୍ରାସ ପ୍ରେସିଡେନ୍ସି ଅମଳର ସମସ୍ତ ଦଲିଲ, କୋରାପୁଟ ଗେଜେଟିୟର କାଷ୍ଟ ଆଣ୍ଡ ଟ୍ରାଇବ୍‌ସ ଅଫ୍ ସାଉଥଇଣ୍ଡିଆ, ଟ୍ରାଇବାଲ ଆଡଭାଇଜରି କମିଟିର ସୁପାରିଶ, ଆନ୍ଧ୍ର ସରକାରଙ୍କ କ୍ଲାସିଫିକେସନ ଅଫ୍ କାଷ୍ଟସ ଆଣ୍ଡ ଟ୍ରାଇବାଲ୍‌ସ, ଓଡ଼ିଶା ସରକାରଙ୍କ ଏସ୍‌ସି ଏସ୍‌ଟି ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ସୁପାରିଶ ପତ୍ର ସମେତ ଅନ୍ୟାନ୍ୟ ଦଲିଲ ରାଜ୍ୟ ସରକାରଙ୍କୁ ୨୦୦୮ରୁ ବିଭିନ୍ନ ସମୟରେ ଦେଇଆସୁଛି। ଏ ଦିଗରେ କେନ୍ଦ୍ର ସରକାର ଅବହେଳା କରୁଥିଲେ ରାଜ୍ୟ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି କେନ୍ଦ୍ରକୁ ସୁପାରିଶ କରନ୍ତୁ ବୋଲି ନିବେଦନ କରିଛି ଦୋରା ସମ୍ପ୍ରଦାୟ। ସେମାନେ କହିଛନ୍ତି, ପଟ୍ଟାଙ୍ଗି ବ୍ଲକର କୋଟିଆ, ତଳଗୋଲୁର ପଞ୍ଚାୟତର ବାଙ୍ଗାରଗୁଡ଼ି, ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ରାଇପାଡୁ ଗ୍ରାମରେ ବସବାସ କରୁଥିବା ମୁକାଦୋରା (ନୁକାଦୋରା)ଙ୍କୁ ଆଦିବାସୀ ମାନ୍ୟତା ଦେଇଛନ୍ତି ପଡ଼ୋଶୀ ଆନ୍ଧ୍ର ସରକାର। ଏହାସହ ସମସ୍ତ ସରକାରୀ ସୁବିଧା ସୁଯୋଗ ମଧ ଯୋଗାଇ ଦେଇଛନ୍ତି। ଓଡ଼ିଶା ସରକାର ଏ ଦିଗରେ ଉଦାସୀନ ରହିବାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଦୋରା ସଂଘ କହିଛି।



ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଦାବିପତ୍ର ଦେଉଛନ୍ତି ଦୋରାସଂଘ କର୍ମକର୍ତ୍ତା।

■ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବୋରିଗୁମ୍ମା,୧୧।୧(ଡି.ଏନ୍.ଏ.)**

କୋରାପୁଟ ଜିଲା ବିସିଂହପୁର ଥାନା ବୋରିଗୁମ୍ମା-କୋରାପୁଟ ୪୮ ନଂ ରାଜ୍ୟ ରାଜପଥ ବାଲିପୂଜାରୀପୁଟ ନିକଟରେ କାର୍‌-ବାଇକ ମୁହାଁମୁହିଁ ଧକ୍କାରେ ଶୁକ୍ରବାର ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ଶନିବାର ରାସ୍ତାରୋକୋ କରିଛନ୍ତି। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ଫଳ ମିଳି ନ ଥିଲା। ପରେ ଜୟପୁର ତହସିଲଦାର ମାତାରାମ ଲିୟାଙ୍ଗି ବିକ୍ଷୋଭକାରୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ପ୍ରଦାନ କରିଥିଲେ। କାର୍ ମାଲିକ ମୃତକଙ୍କ ପରିବାର ବର୍ଗଙ୍କୁ ଆର୍ଥିକ ସହଯୋଗ ଦେବା ପାଇଁ ମଧ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ଅନ୍ୟପଟେ ଦୁର୍ଘଟଣା ଯୋଗୁ କାର୍‌ରେ ଥିବା ଅନ୍ୟ ଦୁଇଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ଜୟପୁର ମେଡିକାଲରେ ଭର୍ତ୍ତି କରାଯାଇଛି। କାର୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ। ଶୁକ୍ରବାର ରାତିରେ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଶନିବାର ପୋଲିସ ସୂଚନା ଅନୁସାରେ ୨ ମୃତକ ହେଲେ ମେରାଦାମାଲର ଗୌର ନାୟକ (୩୫) ଓ ସହଦେବ ମାଛ (୧୭)। ସେମାନେ ବାଇକରେ ରାଣୀଗଡ଼ରୁ କାନୁଗୁଡ଼ା ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ଦାୟିତ୍ୱ ନେଲେ ଭାଜପା ମଣ୍ଡଳ ସଭାପତି



ଭାଜପା ମଣ୍ଡଳ ବୈଠକରେ ଦଳୀୟ କର୍ମକର୍ତ୍ତା।

**ବୈପାରୀଗୁଡ଼ା,୧୧।୧(ଡି.ଏନ୍.ଏ.)**

ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରେ ଶନିବାର ଭାରତୀୟ ଜନତା ପାର୍ଟି ବୈପାରୀଗୁଡ଼ା ମଣ୍ଡଳର ଏକ ଜରୁରୀ ବୈଠକ ହୋଇଛି। ପୂର୍ବତନ ମଣ୍ଡଳ ସଭାପତି ଏନ୍. ହରିପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ ମଣ୍ଡଳ ସଭାପତି ଭାବେ ମନୋନୀତ ଉମେଶ ପଟ୍ଟନାୟକ ଓ ଜିଲା ପଦାଧିକାରୀ ଲଳିତ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବୈଠକରେ ଦଳୀୟ ସଙ୍ଗଠନ ବିଷୟରେ ଆଲୋଚନା ସହ କର୍ମୀଙ୍କୁ ସିସିଏ ସମ୍ପର୍କରେ ଅବଗତ କରାଯାଇଥିଲା। ଆଗକୁ ଜୟପୁରରେ ଥିବା ସିସିଏ ସପକ୍ଷ ରାଲିରେ ବହୁ ସଂଖ୍ୟକ ଲୋକଙ୍କୁ ସାମିଲ୍ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର, ରାଗଗିରି ଗ୍ରାମର ଭଗବାନ ଦୋରା ଭାଜପାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ନଗରର ପୂର୍ବତନ ସଭାପତି ଅମରଲାଲ ଆହୁଜା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏ. ତ୍ରିନାଥ ରାଓ, ଜିଲା ଉପସଭାପତି ଚନ୍ଦ୍ରଶେଖର ରଥ, ବରିଷ୍ଠ ନେତା ସୁଧାଂଶୁ ଶେଖର ଜେନା, ଜିଲା ଓବିସି ମୋର୍ଚ୍ଚା ସଂପାଦକ ମନୋଜ ନାୟକ, ପୂର୍ବତନ ବ୍ଲକ ସଭାପତି ବିପିନ ବିହାରୀ ମହାନ୍ତି, ଆଇନଜୀବୀ ନୃପେନ୍ଦ୍ର ନାରାୟଣ ବାଘ ଓ ଅରୁଣ ଭଟ୍ଟମିଶ୍ର ଯୋଗ ଦେଇଥିଲେ।

# ଚାଷୀ-ବିହନ ନିଗମ-ଯୋଗାଣ ବିଭାଗ ବୈଠକ

## ଚାଷୀଙ୍କ ବଳକା ଜମିର ଅମଳ ଧାନ ବିକ୍ରି ପାଇଁ ହେବ ବ୍ୟବସ୍ଥା

**ଜୟପୁର,୧୧।୧(ଡି.ଏନ୍.ଏ.)**

ଜୟପୁରସ୍ଥିତ ବିହନ ଉତ୍ପାଦିତ ନିଗମ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀଙ୍କ ଆହ୍ୱାନରେ ହୋଇଥିବା ଏହି ବୈଠକରେ ଏଥିରେ ଚାଷୀ, ବିହନ ନିଗମ ଓ ଯୋଗାଣ ବିଭାଗ ଅଧିକାରୀ ଯୋଗ ଦେଇଛନ୍ତି। ନିଗମର ରାଜ୍ୟ ନିର୍ଦ୍ଦେଶକ ଅଶୋକ ବରାଳ, ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ବିହନ ନିଗମରେ ପଞ୍ଜିକୃତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ନିଗମରେ ପଞ୍ଜିକୃତ ହୋଇଥିବା ଜିଲାର ୩୧୬ ଜଣ ଚାଷୀଙ୍କ ମଧ୍ୟରୁ ୫୭ ଜଣଙ୍କ ନାମ ମଣ୍ଡି ପୋର୍ଟାଲରୁ କାଟି ଦିଆଯାଇଥିଲା। ଉପରୋକ୍ତ ଚାଷୀମାନେ ଏବେ ନିଜର ବଳକା ଜମିରୁ ଅମଳ ଧାନ କେଉଁଠି ବିକିବେ, ସେହି ଚିନ୍ତାରେ ପଡ଼ିଛନ୍ତି। ତେଣୁ ବୈଠକରେ ପଞ୍ଜିକୃତ ଚାଷୀଙ୍କ ତାଲିକା ଲ୍ୟାମ୍ପରୁ ଯାଞ୍ଚ ପରେ ଯୋଗାଣ ବିଭାଗ ଭୁବନେଶ୍ୱରକୁ ସମସ୍ତ ତଥ୍ୟ ପଠାଇବ। ଚାଷୀଙ୍କ ବଳକା ଜମିର ଅମଳ ଧାନକୁ ମଣ୍ଡିରେ ବିକ୍ରି ପାଇଁ ପୋର୍ଟାଲରେ ପୂର୍ବଭଳି ନାମ ଉଲ୍ଲେଖ ବ୍ୟବସ୍ଥା କରାଯାଇ ପାରିବ। ଏନେଇ ନିଗମ ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଚାଷୀ ସଦାଶିବ ତ୍ରିପାଠୀ, ମନୋଜ ପାତ୍ର, ଜୟନ୍ତ ପଟ୍ଟନାୟକ, ଗଙ୍ଗାଧର ପାଣିଗ୍ରାହୀ, କାହ୍ନୁ ସାମନ୍ତରାୟ, କେ. ଶ୍ରୀନିବାସ, ଜେ. ରମେଶ ଉପସ୍ଥିତ ଥିଲେ।

# ରେଲୱେ ଡିଭିଜନ ଡିଆର୍‌ଏମ୍‌ଙ୍କ କୋରାପୁଟ ଗସ୍ତ

**ସେମିଲିଗୁଡ଼ା,୧୧।୧(ସ୍ୱ.ପ୍ର.)**

ରେଳବାଇ ଡିଭିଜନ ଡିଆରଏମ ଏ.କେ. ଶ୍ରୀବାସ୍ତବ ଶନିବାର କୋରାପୁଟ ଗସ୍ତ କରିଛନ୍ତି। ସେ କୋରାପୁଟ ରେଲୱେ ଷ୍ଟେସନ ଗସ୍ତରେ ଆସି ଷ୍ଟେସନ ପରିସର ବୁଲି ଦେଖିବା ସହ ଭିତ୍ତିଭୂମି ଓ ଉନ୍ନୟନ ସମୀକ୍ଷା କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଫେବୃୟାରୀରେ ଦକ୍ଷିଣ ପୂର୍ବତଟ ଡିଏମ୍ କୋରାପୁଟ ଗସ୍ତରେ ଆସିବେ ବୋଲି ଷ୍ଟେସନ ମାଷ୍ଟର ନରେନ୍ଦ୍ର କୁମାର ବେହୁରିଆ ସୂଚନା ଦେଇଛନ୍ତି।

# ନବୋଦୟ ପରୀକ୍ଷାରୁ ବଞ୍ଚିତ ଛାତ୍ର

**ନନ୍ଦପୁର,୧୧।୧(ଡି.ଏନ୍.ଏ.)**

ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତସ୍ଥିତ ସେବାଶ୍ରମ ବିଦ୍ୟାଳୟର ଜଣେ ଛାତ୍ର ନବୋଦୟ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ଆଡମିଟ କାର୍ଡରେ ନନ୍ଦପୁର ପରିବର୍ତ୍ତେ କୋରାପୁଟ ଲେଖା ଥିବାରୁ ପରୀକ୍ଷାରୁ ତାଙ୍କୁ ବଞ୍ଚିତ କରାଯାଇଛି। ଥୁବା ପଞ୍ଚାୟତ ଘାଗ ଗ୍ରାମର ଖଗେଶ୍ୱର ଶିଶା କୁଲାରସିଂ ସେବାଶ୍ରମରେ ରହି ପଞ୍ଚମ ଶ୍ରେଣୀରେ ପଢ଼ନ୍ତି। ଶନିବାର ନନ୍ଦପୁର ଓ ଲମତାପୁଟ ବ୍ଲକ ପାଇଁ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବୋଦୟ ପରୀକ୍ଷା କେନ୍ଦ୍ର ହୋଇଥିଲା। ଖଗେଶ୍ୱରଙ୍କ ସମେତ ଅନ୍ୟ ଛାତ୍ରଙ୍କୁ ନେଇ କୁଲାରସିଂ ସେବାଶ୍ରମ ପ୍ରଧାନ ଶିକ୍ଷକ କେ. ସୀତାରାମାୟା ନନ୍ଦପୁର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ୧୧ଟା ୩୦ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ପ୍ରଧାନ ଶିକ୍ଷକ ପିଲାଙ୍କୁ ଆଡମିଟ କାର୍ଡ ଦେବା ପରେ ସମସ୍ତେ ପରୀକ୍ଷା ହଲ୍‌କୁ ଯାଇଥିଲେ। କିନ୍ତୁ ଖଗେଶ୍ୱରଙ୍କ ଆଡମିଟ୍ କାର୍ଡ଼ରେ ସେ କୋରାପୁଟରେ ପରୀକ୍ଷା ଦେବାକୁ ଥିବା ଉଲ୍ଲେଖ ରହିଥିଲା। ଖଗେଶ୍ୱର କାନ୍ଦକାନ୍ଦ ହୋଇ ମିନତି କରିବା ସତ୍ତ୍ୱେ ତାଙ୍କୁ ପରୀକ୍ଷା ଦେବାକୁ ଅନୁମତି ମିଳିଲା ନାହିଁ। ପ୍ରଧାନ ଶିକ୍ଷକ ଯାଞ୍ଚ ନ କରି କିପରି ତାଙ୍କୁ ନନ୍ଦପୁର କେନ୍ଦ୍ରକୁ ନେଇଥିଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

# ପୁଷ୍ ପୁନେଇ ପଟୁଆରରେ ଦୁଲୁକିଲା ଜୟପୁର

**ଜୟପୁର,୧୧।୧(ନି.ପ୍ର.)**

ଆଦିବାସୀଙ୍କୁ ପୁଷ ପୁନେଇ ପରବ ଲୋପ ପାଇବାକୁ ବସିଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଥିଲେ ଜୟପୁର ଅଞ୍ଚଳର କଳାକାର। ସେହି କ୍ରମରେ ଶନିବାର ସହରର ମୁଖ୍ୟ ଟ୍ରାଫିକ ଛକରୁ ଏକ ବିଶାଳ ପଟୁଆର ବାହାରି ଅଞ୍ଚଳ ପରିକ୍ରମା କରିଛି। ପୁଷ ପୁନେଇରେ ଦୁଲିକିଛି ଜୟପୁର ରାସ୍ତା। ଆଦିବାସୀ ନାଚ, ବାଜା ସହ ସୀତା ରାମଙ୍କଠାରୁ ଆରମ୍ଭ କରି ବିଭିନ୍ନ ପୌରାଣିକ ଚରିତ୍ର, ଅମିନ, ଆର୍‌ଆଇ, ପୋଲିସ ପରି ସରକାରୀ କର୍ମଚାରୀ ବେଶ ଧରି ପଟୁଆରରେ ସାମିଲ ହୋଇଥିଲେ କଳାକାର। ଏହାସହ ଆଦିବାସୀଙ୍କ ବେଷ୍ଟ ଯାତ୍ରା, ରଙ୍ଗିଲା ଦେଶିଆ, ଦୁରୁଆ, ନାଚରେ ଶୋଭାଯାତ୍ରାରେ ଜମିଥିଲା। ଶୋଭାଯାତ୍ରା ରଜାନଅରରେ ପହଞ୍ଚିବା ପରେ ସେଠାରେ କଳାକାରମାନେ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସାମିଲ ହୋଇଥିଲେ। ୨୦୨୦ରେ ପ୍ରଥମଥର ପାଇଁ ଏଭଳି ଆୟୋଜନ ହୋଇଥିବା ବେଳେ ଆଗାମୀ ବର୍ଷ ବହୁ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ବାହିନୀପତି କହିଛନ୍ତି।



ପୌଷ ପୂର୍ଣ୍ଣିମା ପଟୁଆରରେ ବିଭିନ୍ନ ବେଶରେ କଳାକାର।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ମିଳନୀ



ବୈଠକରେ କୋରାପୁଟ ବିଧାୟକ ଓ ଅନ୍ୟ ଅତିଥି।

**କୋଲାବନଗର,୧୧।୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକଙ୍କ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପନ କରିବା ଓ ସଂଘ ଗୃହର ସମ୍ପ୍ରସାରଣ ପାଇଁ ଅର୍ଥ ମଞ୍ଜୁରୀ ଲାଗି ସଭାରେ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ପଡାଲ। ମୁଖ୍ୟବକ୍ତା ଭାବେ ରାଜ୍ୟ ମହାସଂଘ ସଭାପତି ନିର୍ମଳ ଚନ୍ଦ୍ର ଦାସ ଓ ଜିଲା ସଙ୍ଗଠନ ସଭାପତି ରଘୁନାଥ ଦା, ସମ୍ପାଦକ ଭଗବାନ ନାୟକ ଯୋଗ ଦେଇଥିଲେ। ଜିଲାର ୧୫ଟି ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଏଥିରେ ଭାଗ ନେଇଥିଲେ।

# ମିଟର ବଦଳାଇବା ବେଳେ ଟଙ୍କା ଆଦାୟ

**ବାଦ୍ ପଡ଼ିଲେନି ପୂର୍ବତନ କାଉନସିଲର**

**ଜୟପୁର,୧୧।୧(ଡି.ଏନ୍.ଏ.)**

ଜୟପୁର ସହରରେ ସାଉଥକୋ ପକ୍ଷରୁ ଗୃହ, ଦୋକାନର ମିଟର ପରିବର୍ତ୍ତନରେ ନିଯୁକ୍ତ ହୋଇଛନ୍ତି ୨ରୁ ୩ ଠିକାସଂସ୍ଥା। ପୁରୁଣା ଓ ଖରାପ ମିଟର ପରିବର୍ତ୍ତନ କରାଯାଉଛି। ସାଉଥକୋ ପକ୍ଷରୁ ସ୍ୱୀକୃତ ଡିଜିଟାଲ ମିଟର ସଂପୃକ୍ତ ଦାୟିତ୍ୱରେ ଥିବା ଠିକାସଂସ୍ଥା ପକ୍ଷରୁ କର୍ମଚାରୀ ନିୟୋଜିତ କରାଯାଇଛି। କିନ୍ତୁ ପରିବର୍ତ୍ତନ ପରେ ସଂପୃକ୍ତ କର୍ମଚାରୀ ମାଲିକଙ୍କ ନିକଟରୁ ଜବରଦସ୍ତ ୩ଶହରୁ ୬ଶହ ଟଙ୍କା ଆଦାୟ କରୁଛନ୍ତି। ଜୟପୁର ସହରର ୧୭ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ନବୀନ ପାତ୍ର ମଧ ଏଥିବରୁ ବାଦ୍ ପଡ଼ି ନ ଥିଲେ। ଗତ ବୁଧବାର ସହରର ଭୋଇସାହି ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ଗୃହର ମିଟର ପରିବର୍ତ୍ତନ କରାଯାଇଥିଲା। ଏଥିରେ ପୂର୍ବତନ କାଉନସିଲର ପାତ୍ରଙ୍କ ବାସଭବନର ଖରାପ ମିଟର ପରିବର୍ତ୍ତନ କରାଯାଇ ନୂତନ ମିଟର ସଂଯୋଗ କରାଯାଇଥିଲା। ଏ ବାବଦକୁ ତାଙ୍କ ନିକଟରୁ ୩ଶହ ଟଙ୍କା ସଂପୃକ୍ତ କର୍ମଚାରୀ ଦାବି କରି ନେଇଥିଲେ। ସେହିପରି ଉକ୍ତ ସାହିର ଅନ୍ୟ ଜଣେ ବ୍ୟକ୍ତିଙ୍କ ଗୃହର ମିଟର ପରିବର୍ତ୍ତନ କରାଯାଇ ତାଙ୍କ ନିକଟରୁ ଜବରଦସ୍ତ ୬ ଶହ ଟଙ୍କା ଆଦାୟ କରାଯାଇଥିଲା। ସାଉଥ୍‌କୋ ସହକାରୀ ଯନ୍ତ୍ରୀ ଦିବ୍ୟଜ୍ୟୋତି ମହାପାତ୍ର କହିଛନ୍ତି, ଏହିପରି ଟଙ୍କା ଆଦାୟ ବେଆଇନ, ଏଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପଞ୍ଜୀକୃତ ହେଲେ ୫୬୪ ହିତାଧିକାରୀ

**ସାମର୍ଥ୍ୟ ଶିବିର**

**ପଟ୍ଟାଙ୍ଗି,୧୧।୧(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକର ୩ଟି ପଞ୍ଚାୟତରେ ବିଭିନ୍ନ ଦିବସରେ ସାମର୍ଥ୍ୟ ଶିବିର କରାଯାଇ ଲୋକଙ୍କୁ ସହାୟତା ଦିଆଯାଇଛି। ଯୋଗାଇଛି। ଗତ ୪ ତାରିଖରେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଭୀମଭୋଇ ସାମର୍ଥ୍ୟ ଶିବିରରେ ୧୬୫ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ। ସେଥିରୁ ୩ ଜଣଙ୍କୁ ହୁଇଲ ଚେୟାର, ୨ ଜଣଙ୍କୁ ଆଶାବାଡ଼ି, ୨୦ ଜଣଙ୍କୁ ବସ୍ ପାସ୍, ବିଭିନ୍ନ ଶ୍ରେଣୀରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମଙ୍କୁ ପରିଚୟ ପତ୍ର ଦିଆଯାଇଥିଲା। ସେହିପରି ୭ ତାରିଖରେ ପେଟୁରେ ଆୟୋଜିତ ଶିବିରରେ ୧୮୩ ହିତାଧିକାରୀଙ୍କ ପଞ୍ଜିକରଣ ହୋଇଥିଲା। ସେଥିରୁ ୧୬ ଜଣଙ୍କୁ ବସ୍ ପାସ୍, ୧୫ ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ମିଳିଥିଲା। ୯ ତାରିଖରେ ପଟ୍ଟାଙ୍ଗି ହାଇସ୍କୁଲରେ ହୋଇଥିବା ଶିବିରରେ ୨୧୬ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ। ସେଥିରୁ ୪୦ ଜଣଙ୍କୁ ବସ୍ ପାସ୍, ୩୧ ଜଣଙ୍କୁ ଭିନ୍ନକ୍ଷମ ପରିଚୟ ପତ୍ର ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର କରାଯାଇ ଜିଲା ବ୍ଲଡ୍‌ବ୍ୟାଙ୍କ ଡାକ୍ତର ରତିକାନ୍ତ ଖଟୁଆଙ୍କ ସହଯୋଗରେ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଲଳିତ ମୋହନ କହଁର, ଡିଏସ୍‌ଏସ୍‌ଓ ସୀମାଞ୍ଚଳ ମହାପାତ୍ର, ବିଡିଓ କରୁଣାକର ପ୍ରଧାନ, ବିଏସ୍‌ଏସ୍‌ଓ ସୌଦାମିନୀ, ବିଏସ୍‌ଏସ୍‌ଓ ବିଭାଗର ସ୍ମୃତିପ୍ରଜ୍ଞା ବେହେରା, ପ୍ରତୀକ୍ଷା ଗୌଡ଼ ଉପସ୍ଥିତ ଥିଲେ।

# ‘ସଂସ୍କୃତି, ପରମ୍ପରାକୁ ଏକାଠି କରିଛି ପୌଷପର୍ବ’

## କୁନ୍ଦୁରା ବ୍ଲକ ମୂଳ ଅଧିବାସୀ ସଂଘର ପୁଷ୍‌ପୁନି ଭେଟ୍‌ଘାଟ୍

**କୁନ୍ଦୁରା,୧୧।୧(ଡି.ଏନ୍.ଏ.)**

କୋରାପୁଟ ମାଟିରେ ବିଭିନ୍ନ ସଂସ୍କୃତି ପରମ୍ପରା ଭିତରେ ପୌଷପୂର୍ଣ୍ଣିମାର ସ୍ୱତନ୍ତ୍ରତା ଥିବାବେଳେ ସମୟ ସୁଅରେ ଏହାର ଚାହିଦା କମିଯାଉଛି। ଏହାକୁ ପୁନର୍ଜୀବିତ କରିବା ପାଇଁ କୁନ୍ଦୁରା ବ୍ଲକ ମୂଳ ଅଧିବାସୀ ସଂଘ ୨୦୧୩ରୁ ଆୟୋଜନ କରୁଛି ପୁଷ୍‌ପୁନି ଭେଟ୍‌ଘାଟ। ଚଳିତ ବର୍ଷ କାର୍ଯ୍ୟକ୍ରମକୁ ଶନିବାର କୋଟପାଡ଼ର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଉପାଧ୍ୟକ୍ଷା ପଦ୍ମା ହରିଜନ, ପୂର୍ବତନ ଅଧ୍ୟକ୍ଷା କନକଲତା ପେଣ୍ଟିଆ, ଶିକ୍ଷାବିତ୍ ପଞ୍ଚାନନ ଗୌଡ଼, ଡମ୍ବ ସମାଜ ଉପଦେଷ୍ଟା ପୀତାମ୍ବର ନାୟକ ଯୋଗ ଦେଇଥିଲେ। ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ସଂସ୍କୃତିପ୍ରେମୀ ଚନ୍ଦ୍ର ସଗରିଆ, ତ୍ରିନାଥ ସମରଥ, ତ୍ରିନାଥ ହରିଜନ, ବୃନ୍ଦା ଚିକିମିଆ, ପୀତାମ୍ବର ନାୟକଙ୍କ ଉଦ୍ୟମ ଉଲ୍ଲେଖନୀୟ। ଶନିବାର ଆରମ୍ଭ ହୋଇଥିବା ଏହି ପର୍ବରେ ବିଭିନ୍ନ ଜାତିର ଲୋକ ନୃତ୍ୟ, ଦୁରୁଆ ନାଚ, ମାଡ଼ିଆ ନୃତ୍ୟ, ସାଇଲୋଡ଼ି, ଢେମ୍‌ସା ନାଚରେ ପ୍ରକମ୍ପିତ ହୋଇଥିଲା ଶହୀଦ ଲକ୍ଷ୍ମଣ ନାୟକ ଖେଳପଡ଼ିଆ। ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୈତାରୀ ମଲ୍ଲିକ, ବିକ୍ରମ ବେହେରା, ପାର୍ବତୀ ଫାମ୍ପୁଣିଆ, ସୁଭଦ୍ରା ଭୂମିଆ, ଲକ୍ଷ୍ମୀ ମିନରବାଲିଆ, ଗୁପ୍ତ ହରିଜନ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଧନୀରାମ ବାରିକ ଉପସ୍ଥିତ ଥିଲେ।



ପୁଷ୍‌ପୁନି ପରବ ଭେଟ୍‌ଘାଟ୍‌ରେ ସାମିଲ ହୋଇଥିବା କଳାକାରମାନେ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ୪ ଆହତ, ଜଣେ ଗୁରୁତର



ପଦ୍ମଗିରି/ପାଣ୍ଡ୍ରିପାଣି, ୧୧।୧ (ଡି.ଏନ.ଏ.)- ଶନିବାର ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ୪ଜଣ ବାଳିକା ଶ୍ରମିକଙ୍କ ସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଏମ୍ଭି-୮୩ ଗ୍ରାମର ତାରକ ସରକାର ନିଜ ଟ୍ରାକ୍ଟରରେ ବାଲି ବୋଝେଇ କରି ତୁନେଲଗୁଡାଠାରୁ ତଣ୍ଡାପାଲି ଯାଉଥିବା ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟରରେ ଥିବା ୪ଜଣ ବାଳିକାଙ୍କ ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଆହତ ବାଳିକାମାନେ ଏହି ଟ୍ରାକ୍ଟରରେ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। ସମସ୍ତଙ୍କୁ ପଦ୍ମଗିରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗାଡି ମାଲିକ ତାରକ ନିଜେ ଗାଡି ଚଲାଉଥିଲେ। ଏନେଇ ମାଲକାନଗିରି ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ମାଲକାନଗିରି ମହାବିଦ୍ୟାଳୟ ୪୦ତମ କ୍ରୀଡ଼ା ଉତ୍ସବ

ମାଲକାନଗିରି,୧୧।୧ (ଡି.ଏନ୍.ଏ.)- ମାଲକାନଗିରି ମହାବିଦ୍ୟାଳୟରେ ୪୦ତମ କ୍ରୀଡା ଉତ୍ସବ ଶନିବାର ପାଳିତ ହୋଇ ଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ଅଧାପକ ରବୀନ୍ଦ୍ର କୁମାର ସାହୁ, ଲିଙ୍ଗରାଜ ମିଶ୍ର, ଜିମୁତ ନାୟକ, ପ୍ରେମରେଖା ଭଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ନମିତା ଦଣ୍ଡସେନା ସଭାପତିତ୍ୱ କରିଥିଲେ। କ୍ରୀଡା ପୂର୍ବରୁ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରି କ୍ରୀଡା ମଶାଲ ଅଣାଯାଇଥିଲା। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଗୁଳାଫିଙ୍ଗା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଅଭିମନ୍ୟୁ ଦଳବେହେରା କ୍ରୀଡା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ଅଧକ୍ଷ ଓ ଅଧାପିକାମାନେ ଯୋଗଦେଇ ଶିକ୍ଷାଗ୍ରହଣ ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ସୁସ୍ଥ ମାନସିକ ଚିନ୍ତାଧାରା ପାଇଁ କ୍ରୀଡାର ଆବଶ୍ୟକତା ଜରୁରୀ। ଶିକ୍ଷା ସହ କ୍ରୀଡା ଯୋଗାଭ୍ୟାସ କଲେ ଶରୀର ସୁସ୍ଥ ରହେ। ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ସହ କ୍ରୀଡା ଅଭ୍ୟାସ କରିବା ଉଚିତ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମାଢି, ଲିପ୍ସାରାଣୀ ନାୟକ, ପ୍ରତାପ ଓରାମ, ଗୌତମ ନାୟକ, ସୋନାଲି ରାଉତ, ନିତ୍ୟାନନ୍ଦ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ମରାମତି ହୋଇନି ହୁଡ୍‌ହୁଡ୍‌ରେ ନଷ୍ଟ ହୋଇଥିବା ରାସ୍ତା

ମାଲକାନଗିରି,୧୧।୧ (ଡି.ଏନ୍.ଏ.)



ହୁଡ୍‌ହୁଡ୍ ମହାବାତ୍ୟାରେ ନଷ୍ଟ ହୋଇଥିବା ରାସ୍ତା ।

- ରାସ୍ତା ଖରାପ ହେତୁ ଅସୁବିଧା ଭୋଗୁଛନ୍ତି ଲୋକେ
- ରାସ୍ତା ମଝିରେ ସୃଷ୍ଟି ହୋଇଛି ୧୦ ଫୁଟ୍‌ର ଗାତ
- ସରପଞ୍ଚ ଜଣାଇଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗକୁ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗଛ ଉପୁଡିବା ସହ ବିଦ୍ୟୁତ୍ ଖୁଣ୍ଟି ଉପୁଡି ଅନେକ କ୍ଷୟକ୍ଷତି ହୋଇଥାଏ। ପ୍ରବଳ ବର୍ଷା, ଘୂର୍ଣ୍ଣିଝଡ, ବଜ୍ରପାତରେ ଘରଦ୍ୱାର ରାସ୍ତାଘାଟ, ଚାଷଜମି ଏବଂ ଫସଲ ନଷ୍ଟ ହୋଇଥାଏ । ଏହାର ମୁକାବିଲା ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସହାୟତା, ମରାମତି ଉଦ୍ଧାର କାର୍ଯ୍ୟ କରାଯାଇଥାଏ। ପ୍ରଭାବିତଙ୍କୁ ମାଗଣା ରନ୍ଧା ଖାଦ୍ୟ, ରିଲିଫ୍ ପ୍ରଦାନ କରାଯାଇଥାଏ। ନଷ୍ଟ ହୋଇଥିବା ରାସ୍ତା, ପୋଲ ଆଦିକୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କରାଯାଇଥାଏ। ମାତ୍ର ମାଲକାନଗିରି ଜିଲାରେ ୨ବର୍ଷ ତଳେ ହୋଇଥିବା ହୁଡ୍‌ହୁଡ୍‌ରେ ନଷ୍ଟ ହୋଇଥିବା ରାସ୍ତା ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଫଳରେ ଏନେଇ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଅନେକ ସମୟରେ ବିଭିନ୍ନ ଦୁର୍ଘଟଣାମାନ ଘଟି ଧନଜୀବନହାନି ହୋଇଥାଏ। ହୁଡ୍‌ହୁଡ୍‌ରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା ଏଯାଏ ମରାମତି ହୋଇ ନ ଥିବା ଦେଖିବାକୁ ମିଳିଛି ଛତିଶଗଡ ସୀମାନ୍ତକୁ ଲାଗିଥିବା ମାଟାପାକା ପଞ୍ଚାୟତର ଟିଟିବେରି ଗ୍ରାମରେ। ଏହି ରାସ୍ତା ଦେଇ ପ୍ରତ୍ୟହ ପୋଟେରୁ, ଶିଖପାଲି, ମାଟାପାକା ପଞ୍ଚାୟତବାସୀ ସୁକୁମା, ଜଗଦଲପୁର ଯାତାୟାତ କରିଥାନ୍ତି। ମାଟାପାକା ଓ ଚଲାଣଗୁଡା ପଞ୍ଚାୟତ ଲୋକେ ମଧ୍ୟ ବିଭିନ୍ନ କାର୍ଯ୍ୟରେ ମାଲକାନଗିରି ସଦର ମହକୁମାକୁ ଏହି ରାସ୍ତାରେ ଆସିଥାନ୍ତି। ଗତ ଦୁଇବର୍ଷ ହେଲା ହୁଡ୍‌ହୁଡ୍ ପ୍ରଭାବରେ ରାସ୍ତାର ୮୦ ପ୍ରତିଶତ ପିଚୁ ନଷ୍ଟ ହୋଇ ୧୦ ଫୁଟର ଗାତ ରାସ୍ତା ମଝିରେ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗର ଏଥିପ୍ରତି ଦୃଷ୍ଟି ପଡୁନାହିଁ। ସୃଷ୍ଟି ହୋଇଥିବା ଗାତରେ ଛେଳି, ବଳଦ ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀମାନେ ପଡି ମୃତ୍ୟୁବରଣ କରୁଥିବା ସ୍ଥାନୀୟ ସରପଞ୍ଚ ବିନାୟକ ମାଡକାମି କହିଛନ୍ତି। ଏ ନେଇ ପଞ୍ଚାୟତ ବୈଠକରେ ରିଜଲ୍ୟୁଶନ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଅବଗତ କରାଯାଇଛି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଲିଖିତ ରୂପେ ଅବଗତ କରିଛୁ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସରପଞ୍ଚ ମାଡକାମି କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ତୁରନ୍ତ ଏହି ରାସ୍ତା ମରାମତି କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି।

### ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

## ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୋଲିସ

କାଲିମେଳା,୧୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିନ୍ତଲୱାଡା ପଞ୍ଚାୟତର ବଟନିଗୁଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦେବା ମାଡକାମି(୭୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ କାଲିମେଳା ପୋଲିସ ୨ ଜଣଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚିନ୍ତଲୱାଡା ପଞ୍ଚାୟତ ପରଜାଗୁଡା ଗ୍ରାମର ବଳଭଦ୍ର ହନ୍ତାଳଙ୍କ ପୁଅ ସହଦେବ ହନ୍ତାଳ(୩୦) ଓ ସାଧୁରାମ ଖିଲଙ୍କ ପୁଅ ପୀତାମ୍ବର ଖିଲ(୨୫)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ହତ୍ୟାକାଣ୍ଡ ଘଟିବାର କିଛିଦିନ ପୂର୍ବରୁ ସହଦେବ ଓ ପୀତାମ୍ବର ଗାଁ ପାଖ ଜଙ୍ଗଲରୁ ଏକ ଶାଗୁଆନ ଗଛ କାଟିଥିଲେ। ଏନେଇ ଦେବା ଓ ୨ଜଣ ଗ୍ରାମବାସୀ ବନବିଭାଗକୁ ଜଣାଇ ଦେଇଥିଲେ। ଫଳରେ ଫରେଷ୍ଟ କର୍ମଚାରୀମାନେ ପହଞ୍ଚି ଗଛ ଗଣ୍ଡିଗୁଡିକ ଜବତ କରି ନେଇଥିଲେ। ଏହି ଘଟଣାରେ ସହଦେବ ଓ ପୀତାମ୍ବର ୩ ଜଣଙ୍କ ଉପରେ ରାଗ ରଖିଥିଲେ। ଏନେଇ ରଙ୍ଗମାଠିଗୁଡା,ବଟନିଗୁଡା,ପରଜାଗୁଡା ସହ ୨/୩ଟି ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା । ବୈଠକରେ ଗ୍ରାମ ୱାର୍ଡମେମ୍ବର ବନବିଭାଗକୁ ଖବର ଦେଇଥିବା ଦେବା ଓ ଅନ୍ୟ ଦୁଇ ଜଣଙ୍କ ଉପରେ ୨୦ ହଜାର ଟଙ୍କା ଲେଖାଏ ଜରିମାନା ପକାଇଥିଲେ । ଦେବାଙ୍କୁ ଛାଡି ଅନ୍ୟ ଦୁଇ ଜଣ ସେମାନଙ୍କ ଭାଗ ଟଙ୍କା ଦେଇଥିଲେ। ଏହି ରାଗରେ ସହଦେବ ଓ ପୀତାମ୍ବର ମିଶି ଦେବା ନିଜ ଘରଠାରୁ ୨ ଶହ ମିଟର ଦୂରରେ ଥିବା ନିଜ ଜମି ଲାଡିରେ ଶୋଇଥିବା ବେଳେ ରାତି ପ୍ରାୟ ୧୦ଟାରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ଦେବାଙ୍କ ମୃତ୍ୟୁ ହୋଇଥିଲା। ନିକଟରେ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ତାଙ୍କର କିଛି କ୍ଷତି ହୋଇ ନ ଥିଲା । ପୀତାମ୍ବର ବାହାରେ ଜଗି ରହିଥିବା ବେଳେ ସହଦେବ ଦେବାଙ୍କୁ ହତ୍ୟା କରଥିଲେ। ଏନେଇ ଦେବାଙ୍କ ପୁଅ ରାମା ମାଡକାମି ଗତ ୩ ତାରିଖରେ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା ବୋଲି ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି।

## ସୁବର୍ଣ୍ଣପୁର ଉତ୍ସବରେ ପ୍ରଶଂସିତ ହେଲେ ଗଜପତି କଳାକାର

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ବନ୍ଦେ ମାତରଂ କଳାପରିଷଦର ନୃତ୍ୟ ଶିଳ୍ପୀମାନେ ସୁବର୍ଣ୍ଣପୁର ଜିଲା ଉତ୍ସବରେ ଯୋଗଦେଇ ସମ୍ମାନୀତ ହୋଇଛନ୍ତି। ପରିଷଦର କଳାକାରମାନେ ପାରମ୍ପରିକ ଶୈଳୀରେ ଆଦିବାସୀ ନୃତ୍ୟ ପରିବେଷଣ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହ ପ୍ରଶଂସିତ ହୋଇଥିଲେ। ଏହି ନୃତ୍ୟ ଦଳରେ ୩୦ ନୃତ୍ୟଶିଳ୍ପୀ ରହିଥିଲେ। ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ଦଳକୁ ସମ୍ମାନୀତ କରାଯାଇଥିବା ଜଣାପଡ଼ିଛି। ନୃତ୍ୟ ଗୁରୁ ପ୍ରଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁବର୍ଣ୍ଣପୁର ଗସ୍ତ କରିଥିଲେ।



ଉତ୍ସବରେ କଳାକାରଙ୍କ ପକ୍ଷରୁ ନୃତ୍ୟଗୁରୁ ମାନପତ୍ର ଗ୍ରହଣ କରୁଛନ୍ତି।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

## ସଚେତନ କରିବା, ଦୁର୍ଘଟଣାକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶନିବାର ପାରଳାଖେମୁଣ୍ଡିଠାରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ପରିବହନ ବିଭାଗ ପକ୍ଷରୁ ବାହାରିଥିବାବେଳେ ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୧୭ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ମହାରାଜା ବାଳକ ଉଚ୍ଚବିଦ୍ୟାଳୟ, ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଜିଲା ମୋଟର ଚାଳକ ସଂଘର କର୍ମକର୍ତ୍ତା ସାମିଲ୍ ହୋଇ ବିଭିନ୍ନ ସଚେତନତା ବାର୍ତ୍ତା ସହ ସ୍ଲୋଗାନମାନ ଦେଇଥିଲେ। ଏଥିରେ ମୁଖ୍ୟତଃ ଦୁଇଚକିଆ ଯାନ ଚଳାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, ଦୁଇଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରୀ ଯାତାୟାତ ନ କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଚାରିଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ନିଶାଶକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ଗାଡ଼ିର ସମସ୍ତ ଆବଶ୍ୟକ କାଗଜପତ୍ର କରିବା ନିରାପଦ ବୋଲି ବୁଝାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରିବା ଏବଂ ଦୁର୍ଘଟଣାକୁ କମାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ପରିବହନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ମୋଟର ଯାନ ନିରୀକ୍ଷକ ବସନ୍ତ କୁମାର ମହାପାତ୍ର, ଡିଆଇପିଆର୍‌ଓ ରବୀଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।



ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

### ଯାଦବ ମହାସଭା ପକ୍ଷରୁ ସମାବେଶ

ଗୋବିନ୍ଦପାଲି,୧୧।୧(ଡି.ଏନ.ଏ.)

ମାଲକାନଗିରି ଯାଦବ ମହାସଭା ପକ୍ଷରୁ ଗୌଡଗୁଡା ଗ୍ରାମରେ ଶନିବାର ଯାଦବ ମହାସଭାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ଜୟପୁରସହ ଅନ୍ୟାନ୍ୟ ସ୍ଥାନରୁ ବହୁ ଯାଦବ ସମ୍ପ୍ରଦାୟର ଲୋକେ ଥିଲେ। ଏହି ଅବସରରେ ଯାଜପୁର ଜିଲା ଯାଦବ ମହାସଭା ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ବିଜୟ ଯାଦବ, ମାଲକାନଗିରିଯାଦବମହାସଭାର ସଭାପତି କବିରାଜ ପରମେଶ୍ୱର ପାତ୍ର, କୋରାପୁଟ ସଭାପତି ମଦନ ମୋହନ ନାୟକ, ସମ୍ପାଦକ ସଦାଶିବ ଗୌଡ, ଉପଦେଷ୍ଟା ବୁଲୁ ଗୌଡ, ଦିଲୀପ କୁମାର ଦାସ, ଉପେନ୍ଦ୍ର ଗୌଡ, ବାବୁଲା ଗୌଡ, ଡାକ୍ତର ଶ୍ରୀକାନ୍ତ ପାତ୍ର, ଗଙ୍ଗାଧର ଗୌଡ, ମଙ୍ଗରାଜ ହନ୍ତାଳ, ସନାତନ ପୂଜାରୀ, ଶ୍ରୀନାଥ ମହାକୁଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ଭାରସାମ୍ୟ ହରାଇ ଓଲଟିପଡିଲା କାର

କାଲିମେଳା,୧୧।୧(ଡି.ଏନ.ଏ)

ମାଲକାନଗିରି-କାଲିମେଳା ୩୨୬ ନଂ ଜାତୀୟ ରାଜପଥର ବଦିଲି ଛକଠାରୁ କିଛି ଦୂରରେ ଥିବା ଏକ ପୋଲ ନିକଟରେ ଶୁକ୍ରବାର ରାତି ୯ଟାରେ ଏକ କାର (ନଂ. ଓଡି ୩୦ସି-୫୮୯୮) ଭାରସାମ୍ୟ ହରାଇ ରାସ୍ତା କଡ କେନାଲ ସାଇଡକୁ ଓଲଟି ପଡିଛି। କାରରେ ଥିବା ୪ ଜଣ ଯାତ୍ରୀଙ୍କ ମଧ୍ୟରୁ କାହାର କିଛି କ୍ଷତି ହୋଇନାହିଁ। ସ୍ଥାନୀୟ ଲୋକେ ଏମାନଙ୍କୁ କାର ଭିତରୁ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର ଜବତ କରିଛି । ଆହତଙ୍କୁ କାଲିମେଳା ମେଡିକାଲରେ ଚିକିତ୍ସା କରାଯାଇଛି। କାରଟି ବଦିଲି ଯାଉଥିଲା। ଦ୍ରୁତ ଗତି ଯୋଗୁ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏଭଳି ଦୁର୍ଘଟଣା ଘଟିଥିଲା।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

## ଜୀବନ ଅମୂଲ୍ୟ, ଏହାର ସୁରକ୍ଷାରେ ହେଲ୍‌ମେଟ୍ ରକ୍ଷାକବଚ

ମାଲକାନଗିରି,୧୧।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଞ୍ଚଳିକ ପରିବହନ ଏବଂ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶନିବାର ପାଳିତ ହୋଇଛି। ଏହି ଅବସରରେ ମାଲକାନଗିରି ଥାନା ପରିସରରେ ଏକ ସଚେତନତା ରଥ ଏବଂ ଶୋଭାଯାତ୍ରାକୁ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲାପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମନୀଷ ଅଗ୍ରୱାଲ, ଏସ୍‌ପି ରିଷିକେଶ ଡି. ଖିଲାରି, ଅତିରିକ୍ତ ଏସ୍.ପି. ଉଦ୍ଧବ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ସତନ କୁମାର ଜେନା, ଏମ୍‌ଭିଆଇ ଖଗେଶ୍ୱର ମୁର୍ମୁ, ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ଜେ.ବରା ସଗରିଆ, ଆଇଆଇସି ରାମପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଥାନାଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଏହି ଅବସରରେ ସେମାନେ ନୂତନ ମୋଟରଯାନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଏକମାସ ମଧ୍ୟରେ ନିଜ ନିଜ ଗାଡିର ସମସ୍ତ ନଥିପତ୍ର, ଡ୍ରାଇଭିଂ ଲାଇସେନ୍ସ, ଇନ୍‌ସ୍ୟୁରାନ୍ସ କରିନେବା ସହ ହେଲ୍‌ମେଟ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ବେପରୁଆ ଗାଡି ଚାଳନା ଓ ନିଶା ସେବନ ଦ୍ୱାରା ଅଧିକ ଦୁର୍ଘଟଣା ଘଟୁଛି। ଜୀବନ ଅମୂଲ୍ୟ, ଏହାକୁ ସୁରକ୍ଷା ଦେବା ଲାଗି ହେଲମେଟ୍ ହିଁ ଏକମାତ୍ର ରକ୍ଷାକବଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯିବ । ଶେଷ ଦିବସରେ ମାଲକାନଗିରି ସହରର ବିଭିନ୍ନ ସଙ୍ଗଠନ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ବିଭିନ୍ନ ବିଭାଗର ପଦାଧିକାରୀଙ୍କୁ ନେଇ ଉଦ୍‌ଯାପନୀ ସଭା ହେବ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଜେନା କହିଛନ୍ତି।



ଜାତୀୟ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

## କେନାଲରେ ପାଣି ଛଡ଼ାଗଲା ସୁବିନିଯୋଗ ପାଇଁ ଚାଷୀଙ୍କୁ ପରାମର୍ଶ



ମାଲକାନଗିରି,୧୧।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ଚାଷୀଙ୍କୁ କେନାଲ ଜଳର ଉପଯୁକ୍ତ ବିନିଯୋଗ କରି ରବିଋତୁରେ ଚାଷ କାର୍ଯ୍ୟ କରିବା ଲାଗି ଜିଲା ପ୍ରଶାସନ ପରାମର୍ଶ ଦେଇଛି। ଜିଲାରେ ୧୦ରୁ ପୋଟେରୁ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱ କେନାଲରେ ରବିଚାଷ ପାଇଁ ପାଣି ଛଡାଯାଇଛି। ସତୀଗୁଡା ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଭୟ କେନାଲରେ ଏହି ଜଳ ଛଡାଯାଇଛି। ଜିଲାରେ ମୋଟ କୃଷି ଉପଯୋଗୀ ଜମି ମଧ୍ୟରୁ ରବି ଋତୁରେ ୫୬୯୯୮.୩୩୭ ହେକ୍ଟର ଜମିରେ ଜଳସେଚନ ଯୋଜନା କରାଯାଇଛି। ଏହା ଆଗାମୀ ୭।୫।୨୦୨୦ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଏଥିପାଇଁ ବିହନ ନିଗମ ପକ୍ଷରୁ ମଧ୍ୟ ଜିଲାର ବ୍ଲକ ଓ ସଦର ମହକୁମାରେ ବିଭିନ୍ନ କିସମର ବିହନ ଯୋଗାଣ ହେଉଛି।

# କାଲିମେଳା: ଧାନମଣ୍ଡି ଅବ୍ୟବସ୍ଥା ନେଇ ସମୀକ୍ଷା

କାଲିମେଳା,୧୧।୧(ଡି.ଏନ.ଏ.)



ପୂର୍ବତନ ଏମପି, ବିଧାୟକ ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରୁଛନ୍ତି ।

- ଚାଷୀ ମଣ୍ଡିକାର୍ଡ ନ ପାଇ ଧାନ ବିକ୍ରି କରିପାରୁ ନାହାନ୍ତି
- ବ୍ୟବସାୟୀ ଚାଷୀଙ୍କ ନାମରେ ଧାନ ବିକ୍ରି କରୁଛନ୍ତି
- ବ୍ୟବସାୟୀଙ୍କ ସହ ରହିଛି ଭିତିରି ସମ୍ପର୍କ

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ନଭେମ୍ବର ୨୨ରୁ ଖରଫ ଚାଷ ପାଇଁ ଧାନ ମଣ୍ଡି ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୯୦ କୁଇଣ୍ଟାଲ ଧାନ କାଲିମେଳା ଲ୍ୟାମ୍ପ ପକ୍ଷରୁ ସଂଗ୍ରହ କରାଯାଇଛି। ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଆଉ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ପ୍ରସ୍ତାବ ରହିଛି। କାଲିମେଳା ଲ୍ୟାମ୍ପକୁ ୨ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାର୍ଯ୍ୟଲକ୍ଷ ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ଅଧାରୁ ଅଧିକ ଚାଷୀ ଟୋକନ ନ ପାଇ ଧାନ ବିକ୍ରି କରିପାରିନାହାନ୍ତି। ଲ୍ୟାମ୍ପରେ ୭ହଜାର ୩୦୦ ଜଣ ଚାଷୀ ମଣ୍ଡିକାର୍ଡପାଇଁ ପଞ୍ଜିକରଣ ଲାଗି ଆବେଦନ କରିଥିଲେ। ସେଥିରୁ ୬୭୯୭ ଜଣ ଚାଷୀଙ୍କ ପଞ୍ଜିକୃତ ହୋଇଥିଲେ। ଅନ୍ୟମାନଙ୍କର ବିଭିନ୍ନ କାରଣରୁ ପଞ୍ଜିକରଣ ହୋଇପାରି ନଥିଲା। ପୂର୍ବରୁ ମଣ୍ଡିରେ ଧାନ ବିକ୍ରିପାଇଁ ପଞ୍ଜିକରଣ ପକ୍ରିୟା ସବୁବେଳେ ଚାଲୁଥିବା ବେଳେ ବର୍ତ୍ତମାନ ଗତ ସେପ୍ଟେମ୍ବରରୁ ଅନ୍‌ଲାଇନ ମାଧ୍ୟମରେ ଚାଲିଥିବା ପଞ୍ଜିକରଣ ବ୍ୟବସ୍ଥା ସରକାର ବନ୍ଦ କରି ଦେଇଛନ୍ତି। ଫଳରେ ଅନେକ ଚାଷୀ ମଣ୍ଡିକାର୍ଡ ନ ପାଇ ନିଜ ଧାନ ବିକ୍ରି କରିପାରୁ ନାହାନ୍ତି। ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ଶନିବାର ପୂର୍ବତନ ଏମପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ କାଲିମେଳା ଲ୍ୟାମ୍ପ ଗସ୍ତ କରି ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଜିଲା ଭାଜପା ସମ୍ପାଦକ ମାନିକଲାଲ ଚକ୍ରବର୍ତ୍ତୀ, ମାଲକାନଗିରି ମଣ୍ଡଳ ପ୍ରତିନିଧି ଆଡମା ମାଢି, ସଂଯୋଜକ ନିହାର ରାୟ, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ,ରତ୍ନାକର ପାଣିଗ୍ରାହୀ, ଅବଧୁତ ପ୍ରସାଦ ଦୁର୍ଗା, ବଡିଗେଟା ସରପଞ୍ଚ ରାମଚନ୍ଦ୍ର ବେଟି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଲ୍ୟାମ୍ପ ଏମଡି ପ୍ରଦୀପ କୁମାର ପ୍ରଧାନଙ୍କ ସହ ବୈଠକ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ବ୍ୟବସାୟୀମାନେ ଚାଷୀଙ୍କ ନାମରେ ଧାନ ବିକ୍ରି କରୁଥିବା ବେଳେ ପ୍ରକୃତ ଚାଷୀ ଟୋକନ ପାଇପାରୁ ନାହାନ୍ତି ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି। ଏମଭି-୭୮ ଗ୍ରାମର ଚାଷୀ ମନି ମୋହନ ପୋଦାର ୪ ଏକର ଜମିରେ ଧାନ ଚାଷ କରିଥିବା ବେଳେ ଏପର୍ଯ୍ୟନ୍ତ ଏକ କେଜି ଧାନ ମଧ୍ୟ ବିକ୍ରି କରିପାରି ନାହାନ୍ତି । ତାଙ୍କୁ ଟୋକନ ମିଳିଛି। ଜାନୁଆରି ୪,୫,୬ରେ ଧାନ ବିକ୍ରି କରିବାକୁ ଟୋକନରେ ଉଲ୍ଲେଖ ଅଛି। ଅଥଚ ତାଙ୍କ ଠାରୁ ଧାନ କିଣାଯାଇନାହିଁ । ଏଭଳି ଶତାଧୀକ ଚାଷୀ ବ୍ଲକରେ ଧାନ ବିକ୍ରି କରିପାରି ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ସହ ବ୍ୟବସାୟୀଙ୍କ ଭିତିରି ସମ୍ପର୍କ ଥିବାରୁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ, ସରକାର ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ଟୋକନ ଜେନେରେଟ ବ୍ୟବସ୍ଥା କରିଛନ୍ତି। ମଣ୍ଡିରେ ଚାଷୀଙ୍କ ଆଇ ସ୍କାନର ବ୍ୟବସ୍ଥାରେ ଧାନ କ୍ରୟ କରାଯାଉଛି । ତଥାପି ମଣ୍ଡିରେ ଅନିୟମିତତା ଲାଗିରହିଛି। କେତେକ ମିଲର ଧାନର ମାନକୁ ନିମ୍ନମାନର କହି କୁଇଣ୍ଟାଲ ପିଛା ୭ କେଜିରୁ ୧୦ କେଜି ଧାନ କାଟୁଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ କାଲିମେଳା ଅଞ୍ଚଳରେ ଅଧିକ ଧାନ ଅମଳ ହୋଇଛି। ତେବେ ଅମଳ ଅନୁସାରେ ଧାନ ଟାର୍ଗେଟ କମ ରହିଛି ଏହାକୁ ବୃଦ୍ଧି କରାଯାଉ ବୋଲି ଚାଷୀ କେନା ମଣ୍ଡଳ, କମଳ ବିଶ୍ୱାସ, ପରମଥ ମଣ୍ଡଳ, ଆରିତ ହାଲଦାରଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଏମପି ବଳଭଦ୍ର ମାଝି କହିଛନ୍ତି ଯେ, ସରକାର ଯେଉଁ କଥା କହୁଛନ୍ତି ଯେ, ଟୋକନ ବ୍ୟବସ୍ଥାରେ ଚାଷୀଙ୍କ ଧାନ ସୁରୁଖୁରରେ ବିକ୍ରି ହେବ ତାହା ଏଠାରେ ବିପରିତ ହୋଇଛି । ଜଣଙ୍କ ନାମରେ ୧ରୁ ୧୫ କ୍ରମିକ ଭିତରେ ଜଣେ ଚାଷୀଙ୍କ ନାମ ରହିଥିବା ଦେଖିବାକୁ ମିଳୁଛି । ଯେଉଁ ମଣ୍ଡିରେ ଧାନ ବିକ୍ରି ହେଉଛି ସେଠାରେ କେତେକ ଦଲାଲଙ୍କ ଧାନ ବିକ୍ରି ହେଉଛି। ଗରିବ ଲୋକଙ୍କ ଧାନ କିଭଳି ବିକ୍ରି ହୋଇପାରିବ ସେ ବ୍ୟବସ୍ଥା ନାହିଁ । ମଣ୍ଡିରେ ମିଲର ଧାନ କିଣୁ ନ ଥିବାରୁ ଧାନଗୁଡିକ ପଡିରହୁଛି । ଟୋକନ ବ୍ୟବସ୍ଥାକୁ ଉଠାଇବାକୁ ସେ ଦାବି କରିଛନ୍ତି । ବିଧାୟକ କହିଛନ୍ତି ସରକାରଙ୍କ ଧାନ କିଣା ପଦ୍ଧତି ଠିକ ନାହିଁ। ଜଣେ ଚାଷୀ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନ ଥିବା ଚିନ୍ତାଜନକ ହୋଇଛି।

## ସଂକ୍ଷେପରେ



### ନାଗରିକତ୍ୱ ସଂଶୋଧନ ଅଧିନିୟମ ନେଇ ବୈଠକ

**ରାୟଗଡ଼ା ଅଫିସ,୧୧।୧:** ନାଗରିକତ୍ୱ ସଂଶୋଧନ ଅଧିନିୟମ ନେଇ ଏକ ବୈଠକ ଭାଜପା ପକ୍ଷରୁ ସ୍ଥାନୀୟ ଭମସି କ୍ରିଷ୍ଣା ହୋଟେଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏହି ବୈଠକ ଆୟୋଜିତ ହୋଇଛି । ଏଠାରେ ଭାଜପାର ମୁଖପାତ୍ର ଗୋଲକ ମହାପାତ୍ର, ଜିଲା ଭାଜପା ସଭାପତି ଶିବ ପଣ୍ଡା, ପୂର୍ବତନ ଭାଜପା ଜିଲା ସଭାପତି ଶିବ ଉଲ୍ଲାକା, ବସନ୍ତ ଉଲ୍ଲାକା, ଆଦିବାସୀ ମୋର୍ଚ୍ଚାର ଜାତୀୟ ଉପ ସଭାପତି କାଳୀରାମ ମାଝି, କୃଷକ ମୋର୍ଚ୍ଚା ଉପ ସଭାପତି ରଜତ ମାଦଲାଙ୍କ ସହ ଶିକ୍ଷକ,ଆଇନଜୀବୀ ଏବଂ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ ।

### ବିଦ୍ୟାଳୟ-ମନ୍ଦିର କମିଟି ମୁହାଁମୁହିଁ

**ଜୟପୁର,୧୧।୧(ଡି.ଏନ୍.ଏ.):** ଜୟପୁର ସହରର ପୁରୁଣାଗଡ଼ସ୍ଥିତ ହନୁମାନ ମନ୍ଦିର ପରିସରରେ ପ୍ରାଥମିକ ବିଦ୍ୟାଳୟ କମିଟି ଓ ମନ୍ଦିର କମିଟି ମଧରେ ଶନିବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟରେ ନିର୍ମାଣ ହେବାକୁ ଥିବା ଦୁଇଟି ଶ୍ରେଣୀ କକ୍ଷକୁ ନେଇ ଏହି ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ଜିଲାପାଳଙ୍କ ନିକଟରେ ଉଭୟ କମିଟିର ସଦ୍ୟ ଅଭିଯୋଗ କରିବା ସହ ସମାଧାନ ପାଇଁ କେତେକ ବୁଦ୍ଧିଜୀବୀଙ୍କ ବୁଝାଶୁଝା ପରେ ଏହାର ସମାଧାନ ହୋଇଥିଲା। ପୂର୍ବାହ୍ନରେ ବିଦ୍ୟାଳୟର ଦୁଇଟି ଶ୍ରେଣୀ କକ୍ଷ ନିର୍ମାଣ ପାଇଁ ଜାଗା ତଦାରଖ ବେଳେ ମନ୍ଦିର କମିଟିର ସଦସ୍ୟମାନେ ଏଠାରେ ନିର୍ମାଣ କାର୍ଯ୍ୟ ନ କରିବାକୁ ତାଗିଦ କରିଥିଲେ। ଏହିପରି ଉକ୍ତ ବିଦ୍ୟାଳୟକୁ ଅନ୍ୟ କେଉଁସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଦ୍ କରିଥିଲେ। ଏହିପରି ଦୀର୍ଘ ବର୍ଷ ଧରି ଏଠାରେ ବିଦ୍ୟାଳୟ ରହିଥିବା ଯୋଗୁ ସ୍ଥାନୀୟ ଛାତ୍ରୀଛାତ୍ର ପାଠ ପଢ଼ିବେ କେଉଁଠି ବୋଲି ପ୍ରଶ୍ନ କରିବା ସହ ଉଭୟଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ସ୍ଥାନୀୟ ପୁରୁଣାଗଡ଼ରେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟ ଏଠାରେ ଚାଲୁଥିବା ବେଳେ ଏହାର ସମ୍ମୁଖରେ ଏକ ପୁରାତନ ଆଖଡ଼ାଶାଳାରେ ହନୁମାନ ମୂର୍ତ୍ତି ରଖାଯାଇ ପୂଜାର୍ଚ୍ଚନା କରାଯାଉଥିଲା।

**■ ବାହାରିଲା ସଚେତନତା ରଥ**

# ୧୧ ବ୍ଲକ ବୁଲି କରିବ ସଚେତନ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରମାନେ ।

**ସଡ଼କ ସୁରକ୍ଷା ସପ୍ତାହ ପାଳିତ**
- ■୭ ଦିନ ବୁଲିବ ରଥ
- ■ସାମିଲ ହେଲେ କିନ୍ନର
- ■ହେଲମେଟ୍ ପିନ୍ଧିଥିବା ଚାଳକଙ୍କୁ ଚକୋଲେଟ୍ ପ୍ରଦାନ

**ରାୟଗଡ଼ା ଅଫିସ,୧୧।୧**

ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ଗଜପତି ଛକଠାରେ ସଡ଼କ ସୁରକ୍ଷା ସପ୍ତାହ ଶନିବାର ପାଳିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗାଡ଼ି ଚଳାଇବା ବେଳେ ସତର୍କତା ରହିବା ଦ୍ୱାରା ଧନ ଜୀବନ ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଯୋଗ ଦେଇ ପ୍ରତିଦିନ କ୍ରମାଗତ ଭାବେ ଦୁର୍ଘଟଣା ଘଟୁଛି । ଲୋକମାନେ ନିୟମ ନ ମାନିବା ଓ ବେପରୁଆ ଗାଡ଼ି ଚାଳନା ଯୋଗୁ ଏପରି ହେଉଥିବା କହିଛନ୍ତି । ଆରଟିଓ ଦିଲୀପ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କିନ୍ନରମାନେ ସାମିଲ ହୋଇ ଲୋକଙ୍କୁ ସଡ଼କ ସୁରକ୍ଷା ନେଇ ବୁଝାଇଥିଲେ । ଏଥିସହ ହେଲମେଟ୍ ପିନ୍ଧିଥିବା ଚାଳକଙ୍କୁ ଚକୋଲେଟ ଦେଇଥିଲେ । ଗାଡ଼ି ଚାଳନା ବେଳେ ସିଟ୍ ବେଲ୍‌ଟ ଓ ହେଲମେଟ ପିନ୍ଧିବା ଲାଗି ସଚେତନ କରିଥିଲେ । ଏହି ଅବସରରେ ବାହାରିଥିବା ସଚେତନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ୭ ଦିନ ଧରି ଜିଲାର ୧୧ ବ୍ଲକ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ଆରଟିଓ ଦଳେଇ ପ୍ରକାଶ କରିଛନ୍ତି । ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇ ନାଚ ଗୀତ ମାଧ୍ୟମରେ ସଡ଼କ ସୁରକ୍ଷା ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ପିଡ଼ି ଅମ୍ରିତ ଋତୁରାଜଙ୍କ ସମେତ ବୁଦ୍ଧିଜୀବୀ,ଆର୍‌ଟିଓ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

**ଜେକେପୁର, ୧୧।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଜେକେପୁରଠାର ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଂଘାଣିଆ ବିଦ୍ୟାଳୟ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ଚାନ୍ଦିଲି ଥାନା ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଜେକେ କାଗଜକଳ ମୁଖ୍ୟ ପାଠକ ନିକଟରେ ପହଞ୍ଚିଥିଲେ । ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ସେହିପରି ସହରର ଟ୍ରାଫିକ୍ ଛକଠାରେ ଏକ ପଥପ୍ରାନ୍ତ ନାଟକ ମାଧମରେ ଲୋକଙ୍କୁ ସଚେତନ କରିଥିଲେ। ହେଲମେଟ୍, ସିଟ୍‌ବେଲ୍‌ଟ ବ୍ୟବହାର ଓ ଦ୍ରୁତ ଗତିରେ ଗାଡି ନ ଚଳାଇବା, ଧନଜୀବନର କିପରି ସୁରକ୍ଷା ହୋଇପାରିବ ତା ଉପରେ ବୁଝାଇଥିଲେ । ଏହି ନାଟକକୁ ଜୟ ଜଗନ୍ନାଥ କଳା ପରିଷଦ ଜେକେପୁରର ସଦସ୍ୟ ଲକ୍ଷ୍ମୀକାନ୍ତ ବଳରାୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାନ୍ଦିଲି ଥାନା ଅଧିକାରୀ ଅଜିତ୍ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ ଝା, ଭାସ୍କର ମିଣିଆ, ଜେକେକାଗଜ କଳର ସୁରକ୍ଷା ଅଧିକାରୀ ଦୀପକ ସାମଲ, ମହମ୍ମଦ ଆବାସ, ପୀତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜେକେ କାଗଜକଳ ଓ ଚାନ୍ଦିଲି ପୋଲିସ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।




ନାଟକ ପ୍ରଦର୍ଶନ କରାଯାଉଛି ।

## ରାୟଗଡ଼ା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରାୟଗଡ଼ା ଅଫିସ,୧୧।୧**

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ପୌର ପରିଷଦ ପୂର୍ବତନ ଉପାଧକ୍ଷ ଡ଼. ନିରଞ୍ଜନ ବକ୍ସିପାତ୍ର ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । ୩୬ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇ ୧୦୮ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଉକ୍ତ କ୍ରୀଡ଼ାକୁ ପରିଚାଳନା କରିଥିବା ପିଇଟି ଶିକ୍ଷକ ସୁଧୀର ସ୍ୱାଇଁ, ଗୌରୀ ସାହୁ, ପ୍ରମୋଦ ପ୍ରଧାନ, ବି . ରାମୁଙ୍କୁ ସମ୍ମାନିତ କରାଯାଇଥିଲା । କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ । କ୍ରୀଡ଼ା ସଂସଦ ସଭାପତି ପ୍ରଫେସର କେ. ଶଶୀ, ଗିରିଶ ପଟ୍ଟନାୟକ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

**■ ପାରିଖିଡି ଘାଟିରେ ପୁଣି ଦୁର୍ଘଟଣା**

## ଟ୍ରକ୍-ଭ୍ୟାନ୍ ମୁହାଁମୁହିଁ ଧକ୍କା

**ଗୁଣପୁର,୧୧।୧(ଡି.ଏନ.ଏ)**



ରାସ୍ତାରେ ଅଟକି ଥିବା ଗାଡି ।

ରାୟଗଡା ଜିଲା ରାମନାଗୁଡା ବ୍ଲକ ପାରିଖିଡି ଘାଟିରେ ଶୁକ୍ରବାର ଅପରାହ୍ନରେ ଏକ କୁଣ୍ଡା ବୋଝେଇ ଟ୍ରକ ଜଳିଯାଇଥିଲା। ଘଟଣାର ଦିନକ ପରେ ଶନିବାର ପୁଣି ଏକ ଦୁର୍ଘଟଣା ଉକ୍ତ ଘାଟିରେ ଘଟିଯାଇଛି । ଏଠାରେ ଟ୍ରକ୍ ଓ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି ।

ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ଘାଟିରେ ଏକ କୋଇଲା ବୋଝେଇ ଟ୍ରକ ଅଟକି ରହିଥିଲା । ଏହି ସମୟରେ ଏକ ଭ୍ୟାନ ଚାଉଳ ନେଇ ଗୁଣପୁରରୁ ବାହାରିଥିଲା । ପାରିଖିଡି ଘାଟି ପାର ହେବା ସମୟରେ କୋଇଲା ବୋଝେଇ ଟ୍ରକ ଅଟକି ଥିବା ଦେଖି ସାଇଡ ଦେଇ ଉପରକୁ ଉଠୁଥିବାବେଳେ ସମ୍ମୁଖରୁ ଏକ କୁଣ୍ଡା ବୋଝେଇ ଟ୍ରକ ଆସିଯାଇଥିଲା। ଫଳରେ କୁଣ୍ଡା ବୋଝେଇ ଟ୍ରକ ସହ ଭ୍ୟାନର ଧକ୍କା ହୋଇଥିଲା । ଏହିପରି ୩ଟି ଯାକ ଗାଡି ରାସ୍ତା ଉପରେ ଅଟକି ରହିଥିଲା । ଫଳରେ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ରାସ୍ତା ପାର୍ଶ୍ୱରେ ଥିବା ପଥରଗୁଡ଼ିକ ହଟା ଯାଇ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଗୁରୁବାର ଜଳିଯାଇଥିବା ଟ୍ରକ ରାସ୍ତା ଉପରେ ପଡ଼ି ଯାଇଛି । ତାହାକୁ ହଟାଯାଇ ନାହିଁ । ଦୁଇ ଦିନ ମଧ୍ୟରେ କିଛି ଦୂର ଅନ୍ତରରେ ୪ଟି ଗାଡି ଦୁର୍ଘଟଣା ଘଟିଥିବା ଜଣାଯାଇଛି ।

## 'ସାନ ସାନ କଥା ମାନ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଟିକିରି,୧୧।୧(ଡ଼ି.ଏନ.ଏ)**

ସ୍ଥାନୀୟ ପାନବନ୍ଧ ପାଖ ଥୁଟିବର ଆଶ୍ରମ ବିଦ୍ୟାଳୟଠାରେ ଶିବସ୍ମୃତି ସମାରୋହ-୨୦୨୦ ଅନୁଷ୍ଠିତ ହୋଇଯାଇଛି । ଟିକିରି ସାହିତ୍ୟ ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ାର ପ୍ରାକ୍ତନ ପ୍ରାଧ୍ୟାପକ ଡ଼ାକ୍ତର ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରି ଶିବ ପ୍ରସାଦ ଓଡ଼ିଶା ସାହିତ୍ୟ ଜଣେ ଜାଜ୍ୱଲ୍ୟମାନ ପ୍ରତିଭା ବୋଲି କହିଥିଲେ। ଶିବସ୍ମୃତି ରାୟଗଡ଼ାର ଲେଖକ ସତ୍ୟନାରାୟଣ ଗନ୍ତାୟତ ଟିକିରିରେ ସରଳ ଓ ନିରାଡ଼ମ୍ବର ସାହିତ୍ୟ ହିଁ ଟିକିରିକୁ ଋଦ୍ଧିମନ୍ତ କରି ପାରିଛି ବୋଲି କହିଥିଲେ । ଲେଖକ ଦ୍ୱିତୀଚନ୍ଦ୍ର ସାହୁ, ଜୟନ୍ତ କୁମାର ଗୁରୁ, କବି ନିରଞ୍ଜନ ନାୟକ, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ କବି ଚନ୍ଦ୍ରଶେଖର ସାହୁ, ପଦ୍ମନାଭ ମହାନ୍ତି, ରାଜୀବ ମାଝି, ରବୀନ୍ଦ୍ର ତ୍ରିପାଠୀ,କାମେଶ୍ୱର ସାହୁ,ରମାରାଣୀ ଦାଶ ପ୍ରମୁଖ ଯୋଗ ଦେଇ ନିଜସ୍ୱ କବିତା ପାଠ କରିଥିଲେ। ଏହି ଅବସରରେ ଗନ୍ତାୟତ ଶିବ ପ୍ରସାଦଙ୍କ ସାନ ସାନ କଥା ମାନ ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟିକିରି ସାହିତ୍ୟ ପରିବାର ଆବାହକ ନିରଞ୍ଜନ ନାୟକ ସଂଯୋଜନା କରିଥିଲେ ।

## ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୧୧।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର କଲେଜ ଏଜୁକେସନ ସମ୍ମାନ ବିଭାଗର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ଅଧ୍ୟକ୍ଷତା କରି ନବାଗତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ରାସାୟନିକ ବିଜ୍ଞାନ ବିଭାଗର ଅଧ୍ୟାପକ ଶଶିଭୂଷଣ ମହାନ୍ତି ଯୋଗଦେଇ ସକାରାତ୍ମକ ଚିନ୍ତାଧାରାରେ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ବିଭାଗ ଅଧ୍ୟାପକ କୃଷ୍ଣଚନ୍ଦ୍ର ଗନ୍ତାୟତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପିଲାଙ୍କୁ କେତେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପାଠଚକ୍ର ସମ୍ପାଦକ ଚନ୍ଦ୍ରଶେଖର ଗମାଙ୍ଗ ବିବରଣୀ ପାଠ କରିଥିଲେ । କାଜଳୀ ମାଝି, ବନିତା ଶବର, ଲିଲି ମାଣ୍ଡାଙ୍ଗୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶେଷରେ ରଶ୍ମି ସାହୁ ଧନ୍ୟବାଦ ଦେଇଥିଲେ । ମୁନା ନିମଲା, ରେଶମା ସାହୁ, ଏଲ. ମୀନା ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।







## ଛାତ୍ରଙ୍କ ଜୀବନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ରାୟଗଡ଼ା ଅଫିସ,୧୧।୧**

ସ୍ଥାନୀୟ ରାମକୃଷ୍ଣ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଙ୍କ ଜୀବନରେ ଗୁରୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ପାଠ ପଢ଼ି ଭଲ ମଣିଷ ହେବା ପାଇଁ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର ୨୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପୂର୍ବତନ ପୌର ପରିଷଦ ଉପାଧ୍ୟକ୍ଷ ଡ଼. ନିରଞ୍ଜନ ବକ୍ସିପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ସମ୍ପର୍କ ପ୍ରମୁଖ ପ୍ରଭାତ କୁମାର ମହାପାତ୍ର , ସଭାପତି ଦେବି ପ୍ରସାଦ ମିଶ୍ର , ସମ୍ପାଦକ ମୁରଲୀଧର ଦାସ , ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି
## ବିଭିନ୍ନ ସ୍ଥାନରେ ସ୍ମୃତିସଭା, କ୍ୟାଣ୍ଡେଲ ଶୋଭାଯାତ୍ରା



ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି),୧୧।୧(ସ୍ୱ.ପ୍ର./ଡି.ଏନ୍.ଏ.)-ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଅର୍ବାନ୍ ବ୍ୟାଙ୍କ୍ ପଡିଆରେ ଅନୁଷ୍ଠିତ ସଭାରେ ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଯୋଗ ଦେଇ ପ୍ରଜାବତ୍ସଳ ରାଜାଙ୍କ ସ୍ମୃତିଚାରଣ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ ମହାରାଜାଙ୍କ ସମ୍ମାନାର୍ଥେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରିଥିଲେ। ଏହା ବ୍ୟତୀତ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଜିଲାର ରାୟଗଡ଼ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଧ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଜୟଦେବ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

## ଟ୍ରାକ୍ଟର ଓଲଟି ୪ ଆହତ, ଜଣେ ଗୁରୁତର

ପଦ୍ମଗିରି/ପାଣ୍ଡ୍ରିପାଣି, ୧୧।୧ (ଡି.ଏନ.ଏ.)- ଶନିବାର ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ୪ଜଣ ବାଳିକା ଶ୍ରମିକଙ୍କ ସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଏମ୍‌ଭି-୮୩ ଗ୍ରାମର ତାରକ ସରକାର ନିଜ ଟ୍ରାକ୍ଟରରେ ବାଲି ବୋଝେଇ କରି ତୁନେଲଗୁଡାଠାରୁ ତଣ୍ଡାପାଲି ଯାଉଥିବା ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟରରେ ଥିବା ୪ଜଣ ବାଳିକାଙ୍କ ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଆହତ ବାଳିକାମାନେ ଏହି ଟ୍ରାକ୍ଟରରେ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। ସମସ୍ତଙ୍କୁ ପଦ୍ମଗିରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗାଡି ମାଲିକ ତାରକ ନିଜେ ଗାଡି ଚଳାଉଥିଲେ। ଏନେଇ ମାଲକାନଗିରି ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ନିରାଡ଼ମ୍ବରରେ ଆରମ୍ଭ ହେଲା ପଲ୍ଲିଶ୍ରୀ ମେଳା
# 'ଏସ୍‌ଏଚ୍‌ଜିଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବ ମେଳା'

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ପଲ୍ଲିଶ୍ରୀମେଳା ଉଦ୍‌ଘାଟିତ ହୋଇଛି। ଏଥିରେ ଅତିଥିଭାବେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଏସ୍‌ପି ସାରା ଶର୍ମା ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଏଭଳି ମେଳା ଦ୍ୱାରା ଜିଲାର ଗ୍ରାମାଞ୍ଚଳରେଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଲାଭବାନ ହୋଇପାରିବେ ଏବଂ ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏହି ମେଳା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ପ୍ରଦର୍ଶନୀ ପାଇଁ ୨୩୧ ଷ୍ଟଲ୍ ଖୋଲିଛି। ସେଥିମଧ୍ୟରୁ ୯୦ ଷ୍ଟଲ୍ ପଲ୍ଲିଶ୍ରୀ ମେଳାପାଇଁ ଖୋଲାଯାଇଛି। ବିଭିନ୍ନ ଏସ୍‌ଏଚ୍‌ଜି ଦ୍ୱାରା ଏଠାରେ ଜଙ୍ଗଲ ଜାତ ଦ୍ରବ୍ୟ, ଆଚାର, ପାମ୍ପଡ, ମାଣ୍ଡିଆ, ଅଦା, ହଳଦୀ ଆଦି ସାମଗ୍ରୀ ସହ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ଘରେ



ପ୍ରବଳ ଭିଡ଼ ମଧ୍ୟରେ ଜିଲାପାଳ, ଏସ୍‌ପି ଏସ୍‌ଏଚ୍‌ଜି ଷ୍ଟଲ୍ ବୁଲି ଦେଖୁଛନ୍ତି।

ତିଆରି ଘରୋଇ ଉପକରଣ ପ୍ରଦର୍ଶନୀ ଏବଂ ବିକ୍ରି ହେଉଛି। ସେହିପରି ଆରମ୍ଭ ଦିନରେ ହିଁ ଖାଦ୍ୟ ମେଳାରେ ଭିଡ଼ ଜମିଛି। ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ବିକ୍ରି ନିମନ୍ତେ ଷ୍ଟଲ୍‌ମାନ ଖୋଲାଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ବନବିଭାଗ, ମତ୍ସ୍ୟବିଭାଗ, ଓର୍‌ମାସ୍, ଆଇଟିଡିଏ, କୃଷି, ଉଦ୍ୟାନ, ସ୍ୱାସ୍ଥ୍ୟ ବିଭାଗ, ବ୍ୟାଙ୍କ, ଶିଶୁ ସୁରକ୍ଷା ବିଭାଗ ଏବଂ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆକର୍ଷଣୀୟ ଷ୍ଟଲ୍ ଖୋଲିଛି। ଅତିଥିମାନେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ଷ୍ଟଲ୍ ଗୁଡ଼ିକ ପରିଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକ ଯୋଗୁ ତାଙ୍କରି ସମ୍ମାନାର୍ଥେ ଗଜପତି ଉତ୍ସବକୁ ପ୍ରଶାସନ ପକ୍ଷରୁ ବାତିଲ୍ କରାଯାଇଥିଲା। ସର୍ବସମ୍ମତିକ୍ରମେ ନିରାଡମ୍ବରଭାବେ କେବଳ ପଲ୍ଲିଶ୍ରୀ ମେଳା ଆୟୋଜନ ହେବ ବୋଲି ଜିଲାପାଳ ଶୁକ୍ରବାର ସୂଚନା ଦେଇଥିଲେ। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ କରାଯାଇଛି।

### ସୁପର-୩୦ କାର୍ଯ୍ୟକ୍ରମ ଅନୁଧ୍ୟାନ କଲେ ସଞ୍ଜୀବ ଚଢ଼ା
## ପ୍ରଶାସନର ଅଭିନବ ପରିକଳ୍ପନାକୁ ପ୍ରଶଂସା

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ଭାରତ ସରକାରଙ୍କ ପକ୍ଷରୁ ଗଜପତି ଜିଲାକୁ ଆକାଂକ୍ଷା ଆସ୍‌ପିରେସ୍‌ନାଲ ଜିଲା ଭାବେ ସାମିଲ କରାଯିବାପରେ ଜିଲାରେ କାର୍ଯ୍ୟକ୍ରମ କିପରି ଚାଲିଛି, ତାହାର ଅନୁଧ୍ୟାନ କରିବାପାଇଁ ଭାରତ ସରକାରଙ୍କ ନାଫେଡ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ତଥା ଆକାଂକ୍ଷା ଆସ୍‌ପିରେସ୍‌ନାଲ୍ ପ୍ରଭାରୀ ଅଧିକାରୀ ସଞ୍ଜୀବ କୁମାର ଚଢ଼ା ପାରଳାଖେମୁଣ୍ଡି ଗସ୍ତରେ ଆସିଛନ୍ତି। ଗଜପତି ଜିଲାରେ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଉଦ୍ୟମ ହେଉଥିବାବେଳେ ଜିଲାପାଳ ଅନୁପମ ଶାହାଙ୍କ ନିଜସ୍ୱ ଉଦ୍ୟମରେ ଆରମ୍ଭ ହୋଇଥିବା 'ଟିଚ୍ ଗଜପତି' ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରଶଂସିତ ହେବାପରେ ଆଉ ଏକ ଅଭିନବ ପରିକଳ୍ପନା ସୁପର-୩୦ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଆଗକୁ ମ୍ୟାଟ୍ରିକ୍ ପରୀକ୍ଷା ଦେବାକୁ ଥିବା ବିଦ୍ୟାର୍ଥୀମାନଙ୍କ ସ୍ୱତନ୍ତ୍ର ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୩୦ ମେଧାବୀ ବିଦ୍ୟାର୍ଥୀଙ୍କୁ ବଛାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ସୁପର-୩୦ ବିଦ୍ୟାଳୟରେ ଏମାନଙ୍କୁ ରଖାଯାଇ ସ୍ୱତନ୍ତ୍ରଭାବେ ପାଠ ପଢ଼ାଯାଉଛି। ଏଥିପାଇଁ ମାଗଣାରେ ଆବାସିକ ବିଦ୍ୟାଳୟ କରାଯାଇଛି। ବିଦ୍ୟାର୍ଥୀମାନେ ସମୟ ସାରଣୀ ପ୍ରକାରେ ରହିବା, ଖାଇବା, କିପରି ପଢ଼ିବେ, ଯୋଗାସନ ଆଦି ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କାର୍ଯ୍ୟକ୍ରମକୁ ଆକାଂକ୍ଷା ଆସ୍‌ପିରେସ୍‌ନାଲ୍ ଜିଲା ପ୍ରଭାରୀ ଅଧିକାରୀ ଚଢ଼ା ପରିଦର୍ଶନରେ ଯାଇ ସମସ୍ତ ବିଷୟରେ ଅନୁଧ୍ୟାନ କରିଥିଲେ। ସେ ସେଠାରେ ପରିବେଶ, ପାଠପଢ଼ା ଶୈଳୀ, ରହିବା, ଖାଦ୍ୟ ପ୍ରଭୃତି ବିଷୟରେ ଅନୁଧ୍ୟାନ କରିଥିଲେ। ଏଥିସହ ସେ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା ମଧ କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଏପରି ଅଭିନବ ପରିକଳ୍ପନା ପ୍ରଶଂସନୀୟ ବୋଲି ସେ ଏହି ଅବସରରେ କହିଥିଲେ। ଅଧିକାରୀଙ୍କ ଗସ୍ତ ସମୟରେ ଜିଲାପାଳ ଅନୁପମ ଶାହାଙ୍କ ସମେତ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାର ତ୍ୟାଗୀ, ଡିଇଓ ପ୍ରଦୀପ କୁମାର ନାଗ, ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ
## ସଚେତନ କରିବା, ଦୁର୍ଘଟଣା ରୋକିବା ମୁଖ୍ୟ ଉଦ୍ଦେଶ୍ୟ



ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶନିବାର ପାରଳାଖେମୁଣ୍ଡିଠାରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ପରିବହନ ବିଭାଗ ପକ୍ଷରୁ ବାହାରିଥିବାବେଳେ ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୧୭ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ମହାରାଜା ବାଳକ ଉଚ୍ଚବିଦ୍ୟାଳୟ, ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଜିଲା ମୋଟର ଚାଳକ ସଂଘର କର୍ମକର୍ତ୍ତା ସାମିଲ୍ ହୋଇ ବିଭିନ୍ନ ସଚେତନତା ବାର୍ତ୍ତା ସହ ସ୍ଲୋଗାନମାନ ଦେଇଥିଲେ। ଏଥିରେ ମୁଖ୍ୟତଃ ଦୁଇଚକିଆ ଯାନ ଚଳାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, ଦୁଇଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରୀ ଯାତାୟାତ ନ କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଚାରିଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ନିଶାଶକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ଗାଡ଼ିର ସମସ୍ତ ଆବଶ୍ୟକ କାଗଜପତ୍ର କରିବା ନିରାପଦ ବୋଲି ବୁଝାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରିବା ଏବଂ ଦୁର୍ଘଟଣାକୁ କମାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ପରିବହନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ମୋଟର ଯାନ ନିରୀକ୍ଷକ ବସନ୍ତ କୁମାର ମହାପାତ୍ର, ଡିଆଇପିଆର୍‌ଓ ରବୀଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

## ଯାଦବ ମହାସଭା ପକ୍ଷରୁ ସମାବେଶ

ଗୋବିନ୍ଦପାଲି,୧୧।୧(ଡି.ଏନ.ଏ.)

ମାଲକାନଗିରି ଯାଦବ ମହାସଭା ପକ୍ଷରୁ ଗୌଡଗୁଡା ଗ୍ରାମରେ ଶନିବାର ଯାଦବ ମହାସଭାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ଜୟପୁରସହ ଅନ୍ୟାନ୍ୟ ସ୍ଥାନରୁ ବହୁ ଯାଦବ ସମ୍ପ୍ରଦାୟର ଲୋକେ ଥିଲେ। ଏହି ଅବସରରେ ଯାଜପୁର ଜିଲା ଯାଦବ ମହାସଭା ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ବିଜୟ ଯାଦବ, ମାଲକାନଗିରି ଯାଦବ ମହାସଭାର ସଭାପତି କବିରାଜ ପରମେଶ୍ୱର ପାତ୍ର, କୋରାପୁଟ ସଭାପତି ମଦନ ମୋହନ ନାୟକ, ସମ୍ପାଦକ ସଦାଶିବ ଗୌଡ, ଉପଦେଷ୍ଟା ବୁଲୁ ଗୌଡ, ଦିଲୀପ କୁମାର ଦାସ, ଉପେନ୍ଦ୍ର ଗୌଡ, ବାବୁଲା ଗୌଡ, ଡାକ୍ତର ଶ୍ରୀକାନ୍ତ ପାତ୍ର, ଗଙ୍ଗାଧର ଗୌଡ, ମଙ୍ଗରାଜ ହନ୍ତାଳ, ସନାତନ ପୂଜାରୀ, ଶ୍ରୀନାଥ ମହାକୁଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ସୁବର୍ଣ୍ଣପୁର ଉତ୍ସବରେ ପ୍ରଶଂସିତ ହେଲେ ଗଜପତିର କଳାକାର

ପାରଳାଖେମୁଣ୍ଡି,୧୧।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ବନ୍ଦେ ମାତରଂ କଳାପରିଷଦର ନୃତ୍ୟ ଶିଳ୍ପୀମାନେ ସୁବର୍ଣ୍ଣପୁର ଜିଲା ଉତ୍ସବରେ ଯୋଗଦେଇ ସମ୍ମାନୀତ ହୋଇଛନ୍ତି। ପରିଷଦର କଳାକାରମାନେ ପାରମ୍ପରିକ ଶୈଳୀରେ ଆଦିବାସୀ ନୃତ୍ୟ ପରିବେଷଣ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହ ପ୍ରଶଂସିତ ହୋଇଥିଲେ। ଏହି ନୃତ୍ୟ ଦଳରେ ୩୦ ନୃତ୍ୟଶିଳ୍ପୀ ରହିଥିଲେ। ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ଦଳକୁ ସମ୍ମାନୀତ କରାଯାଇଥିବା ଜଣାପଡ଼ିଛି। ନୃତ୍ୟ ଗୁରୁ ପ୍ରଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁବର୍ଣ୍ଣପୁର ଗସ୍ତ କରିଥିଲେ।



ଉତ୍ସବରେ କଳାକାରଙ୍କ ପକ୍ଷରୁ ନୃତ୍ୟଗୁରୁ ମାନପତ୍ର ଗ୍ରହଣ କରୁଛନ୍ତି।

## ବାଇକ ପୋଡ଼ିଦେଲେ ଦୁର୍ବୃତ୍ତ

ଗୋପାଳପୁର,୧୧।୧: ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନମୋହନପୁର ମାଟିଆ ସାହିର କେ. ଏରେୟାଙ୍କ ବାଇକ୍‌କୁ କୌଣସି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଏରେୟା ନିଜ ଘର ସମ୍ମୁଖରେ ବାଇକ୍ (ନଂ.ଓଡି୦୭ଏ୯୨୮୭) ରଖି ଶୋଇ ପଡ଼ିଥିଲେ। ରାତି ପ୍ରାୟ ୨ଟାରେ କିଛି ଶବ୍ଦ ଶୁଣି ସେ ବାହାରକୁ ଆସିବାରେ ବାଇକ୍ ଜଳୁଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲେ ବାଇକ୍ ଜଳିଯାଇଥିଲା। ଏରେୟା ଶୁକ୍ରବାର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିମାସ ତଳେ ଏହି ଥାନା ଅନ୍ତର୍ଗତ ଗୋଳନ୍ଥରା, ଗୋବିନ୍ଦନଗରରେ ଦୁଇଟି ବାଇକକୁ ଦୁର୍ବୃତ୍ତମାନେ ପୋଡ଼ିଦେଇଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗଣ୍ଡାହାତୀ ଭ୍ରମଣ

ରାୟଗଡ଼(ଗଜପତି), ୧୧।୧(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବିଇଓ ମନୋରଞ୍ଜନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଗଣ୍ଡାହାତୀ ଜଳପ୍ରପାତ ବୁଲିଛନ୍ତି। ଏଥିରେ ୬୦ ଛାତ୍ରୀଛାତ୍ରଙ୍କ ସହ ସିଆର୍‌ସିସି ଏସ୍. ପାପା ରାଓ, ଧନେଶ୍ୱର କହଁର ଯାଇଥିଲେ। କାର୍ଯ୍ୟକ୍ରମକୁ ବିଆର୍‌ଟି ଦାଶରଥି ନାୟକ ପରିଚାଳନା କରିଥିବାବେଳେ ଶତ୍ରୁଘ୍ନ ପୃଷ୍ଟି ଏଥିରେ ସହଯୋଗ କରିଥିଲେ।




ଗଣ୍ଡାହାତୀ ଜଳପ୍ରପାତ ଭ୍ରମଣରେ ଯାଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅନ୍ୟମାନେ।

### ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପ୍ରତିଷ୍ଠାକୁ ବିରୋଧ
## ଏନ୍‌ଏସି ପକ୍ଷରୁ ସଚେତନତା ସମାବେଶ

କାଶୀନଗର,୧୧।୧(ଡି.ଏନ୍.ଏ.)

କାଶୀନଗର ସହରରେ ୪ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର୍(ଏମ୍‌ସିସି) ପ୍ରତିଷ୍ଠା ପାଇଁ ଯୋଜନା ରହିଥିବାବେଳେ ଜନବସତି ଅଞ୍ଚଳରେ ଏହାର ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ତେଣୁ ଶନିବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପକ୍ଷରୁ ଏକ ସଚେତନତା ସମାବେଶର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ରାଜନୈତିକ ଦଳର ନେତା, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଓ ବୁଦ୍ଧିଜୀବୀ ମଧ ଉପସ୍ଥିତ ଥିଲେ। ଏମ୍‌ସିସି ପ୍ରତିଷ୍ଠା ହେଲେ କୌଣସି

**ଅଞ୍ଚଳର ସମସ୍ୟା ନେଇ ଆଲୋଚନା**

ଦୁର୍ଗନ୍ଧ ଏବଂ ପରିବେଶ ପ୍ରଦୂଷଣ ହେବନାହିଁ ବୋଲି ଭିଡିଓ ଜରିଆରେ ସଚେତନ କରାଯାଇଥିଲା। ତେବେ ନେତା ଓ ଜନସାଧାରଣ ଏହାକୁ ଜନବସତି ଠାରୁ ଦୂରରେ ପ୍ରତିଷ୍ଠା କରିବାପାଇଁ ଜଣାଇଥିଲେ। ଡାକବଙ୍ଗଳା ଏକ ସଂରକ୍ଷିତ ସ୍ଥାନ ହୋଇଥିବାରୁ ଏହା ପରିସରରେ ୟୁନିଟ୍ ପ୍ରତିଷ୍ଠା ନ କରିବାପାଇଁ ମତ ରଖିଥିଲେ। ସେହିପରି କାଶୀନଗର ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ନେଇ ମଧ ପ୍ରଶ୍ନ ଉଠାଇବା ସହ ଶୀଘ୍ର ଜବରଦଖଲ ଉଚ୍ଛେଦ ପାଇଁ କହିଥିଲେ। ସହରର ନାଳ ନର୍ଦ୍ଦମା ସଫା, ରାସ୍ତା ପ୍ରଶସ୍ତୀକରଣ, ଖାଲି ପଡ଼ିଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଓ ଜିମ୍ ପ୍ରତିଷ୍ଠା, ବ୍ଲକ୍-ହସ୍ପିଟାଲ୍ ଛକରେ ଥିବା ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଦାବି ହୋଇଥିଲା। ଏ ନେଇ ଜିଲାପାଳଙ୍କ ନିକଟରେ ମଧ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଜବରଦଖଲ ଉଚ୍ଛେଦ ପାଇଁ ବୁଦ୍ଧିଜୀବୀ ଓ ଜନ ପ୍ରତିନିଧିଙ୍କୁ ନେଇ ଏକ ଟିମ୍ ଗଠିତ ହେବ ଏବଂ ଏହି ଟିମ୍ ୧୩ ତାରିଖରେ ଜିଲାପାଳଙ୍କୁ ସାକ୍ଷାତକରି ଦାବି ଜଣାଇବାପାଇଁ ସ୍ଥିର ହୋଇଛି।

# କାଳିମେଳା: ଧାନମଣ୍ଡି ଅବ୍ୟବସ୍ଥା ନେଇ ସମୀକ୍ଷା

କାଲିମେଳା,୧୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ନଭେମ୍ବର ୨୨ରୁ ଖରଫ ଚାଷ ପାଇଁ ଧାନ ମଣ୍ଡି ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୯୦ କୁଇଣ୍ଟାଲ ଧାନ କାଲିମେଳା ଲ୍ୟାମ୍ପ ପକ୍ଷରୁ ସଂଗ୍ରହ କରାଯାଇଛି। ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଆଉ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ପ୍ରସ୍ତାବ ରହିଛି। କାଲିମେଳା ଲ୍ୟାମ୍ପକୁ ୨ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାର୍ଯ୍ୟଲକ୍ଷ ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ଅଧାରୁ ଅଧିକ ଚାଷୀ ଟୋକନ ନ ପାଇ ଧାନ ବିକ୍ରି କରିପାରିନାହାନ୍ତି । ଲ୍ୟାମ୍ପରେ ୭ହଜାର ୩୦୦ ଜଣ ଚାଷୀ ମଣ୍ଡିକାର୍ଡପାଇଁ ପଞ୍ଜିକରଣ ଲାଗି ଆବେଦନ କରିଥିଲେ। ସେଥିରୁ ୬୭୯୭ ଜଣ ଚାଷୀଙ୍କ ପଞ୍ଜିକୃତ ହୋଇଥିଲେ। ଅନ୍ୟମାନଙ୍କର ବିଭିନ୍ନ କାରଣରୁ ପଞ୍ଜିକରଣ ହୋଇପାରି ନଥିଲା। ପୂର୍ବରୁ ମଣ୍ଡିରେ ଧାନ ବିକ୍ରିପାଇଁ ପଞ୍ଜିକରଣ ପକ୍ରିୟା ସବୁବେଳେ ଚାଲୁଥିବା ବେଳେ ବର୍ତ୍ତମାନ ଗତ ସେପ୍ଟେମ୍ବରରୁ ଅନ୍‌ଲାଇନ ମାଧ୍ୟମରେ ଚାଲିଥିବା ପଞ୍ଜିକରଣ ବ୍ୟବସ୍ଥା ସରକାର ବନ୍ଦ କରି ଦେଇଛନ୍ତି। ଫଳରେ ଅନେକ ଚାଷୀ ମଣ୍ଡିକାର୍ଡ ନ ପାଇ ନିଜ ଧାନ ବିକ୍ରି କରିପାରୁ ନାହାନ୍ତି । ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ଶନିବାର ପୂର୍ବତନ ଏମପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ କାଲିମେଳା ଲ୍ୟାମ୍ପ ଗସ୍ତ କରି ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ମାଲକାନଗିରି ବିଧାୟକ



ପୂର୍ବତନ ଏମପି, ବିଧାୟକ ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରୁଛନ୍ତି ।

- **ଚାଷୀ ମଣ୍ଡିକାର୍ଡ ନ ପାଇ ଧାନ ବିକ୍ରି କରିପାରୁ ନାହାନ୍ତି**
- **ବ୍ୟବସାୟୀ ଚାଷୀଙ୍କ ନାମରେ ଧାନ ବିକ୍ରି କରୁଛନ୍ତି**
- **ବ୍ୟବସାୟୀଙ୍କ ସହ ରହିଛି ଭିତିରି ସମ୍ପର୍କ**

ଆଦିତ୍ୟ ମାଢ଼ି, ଜିଲା ଭାଜପା ସମ୍ପାଦକ ମାନିକଲାଲ ଚକ୍ରବର୍ତ୍ତୀ, ମାଲକାନଗିରି ମଣ୍ଡଳ ପ୍ରତିନିଧି ଆଡମା ମାଢ଼ି, ସଂଯୋଜକ ନିହାର ରାୟ, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ,ରତ୍ନାକର ପାଣିଗ୍ରାହୀ, ଅବଧୁତ ପ୍ରସାଦ ଦୁର୍ଗା, ବଡିଗେଟା ସରପଞ୍ଚ ରାମଚନ୍ଦ୍ର ବେଟି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଲ୍ୟାମ୍ପ ଏମଡି ପ୍ରଦୀପ କୁମାର ପ୍ରଧାନଙ୍କ ସହ ବୈଠକ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ବ୍ୟବସାୟୀମାନେ ଚାଷୀଙ୍କ ନାମରେ ଧାନ ବିକ୍ରି କରୁଥିବା ବେଳେ ପ୍ରକୃତ ଚାଷୀ ଟୋକନ ପାଇପାରୁ ନାହାନ୍ତି ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି। ଏମଭି-୭୮ ଗ୍ରାମର ଚାଷୀ ମନି ମୋହନ ପୋଦାର ୪ ଏକର ଜମିରେ ଧାନ ଚାଷ କରିଥିବା ବେଳେ ଏପର୍ଯ୍ୟନ୍ତ ଏକ କେଜି ଧାନ ମଧ ବିକ୍ରି କରିପାରି ନାହାନ୍ତି। ତାଙ୍କୁ ଟୋକନ ମିଳିଛି। ଜାନୁଆରି ୪,୫,୬ରେ ଧାନ ବିକ୍ରି କରିବାକୁ ଟୋକନରେ ଉଲ୍ଲେଖ ଅଛି। ଅଥଚ ତାଙ୍କ ଠାରୁ ଧାନ କିଣାଯାଇନାହିଁ । ଏଭଳି ଶତାଧୀକ ଚାଷୀ ବ୍ଲକରେ ଧାନ ବିକ୍ରି କରିପାରି ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ସହ ବ୍ୟବସାୟୀଙ୍କ ଭିତିରି ସମ୍ପର୍କ ଥିବାରୁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ, ସରକାର ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ଟୋକନ ଜେନେରେଟ ବ୍ୟବସ୍ଥା କରିଛନ୍ତି। ମଣ୍ଡିରେ ଚାଷୀଙ୍କ ଆଇ ସ୍କାନର ବ୍ୟବସ୍ଥାରେ ଧାନ କ୍ରୟ କରାଯାଉଛି । ତଥାପି ମଣ୍ଡିରେ ଅନିୟମିତତା ଲାଗିରହିଛି। କେତେକ ମିଲର ଧାନର ମାନକୁ ନିମ୍ନମାନର କହି କୁଇଣ୍ଟାଲ ପିଛା ୭ କେଜିରୁ ୧୦ କେଜି ଧାନ କାଟୁଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ କାଲିମେଳା ଅଞ୍ଚଳରେ ଅଧିକ ଧାନ ଅମଳ ହୋଇଛି। ତେବେ ଅମଳ ଅନୁସାରେ ଧାନ ଟାର୍ଗେଟ କମ ରହିଛି ଏହାକୁ ବୃଦ୍ଧି କରାଯାଉ ବୋଲି ଚାଷୀ କେନା ମଣ୍ଡଳ, କମଲ ବିଶ୍ୱାସ, ପରମଥ ମଣ୍ଡଳ, ଆରିତ ହାଲଦାରଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଏମପି ବଳଭଦ୍ର ମାଝି କହିଛନ୍ତି ଯେ, ସରକାର ଯେଉଁ କଥା କହୁଛନ୍ତି ଯେ, ଟୋକନ ବ୍ୟବସ୍ଥାରେ ଚାଷୀଙ୍କ ଧାନ ସୁରୁଖୁରରେ ବିକ୍ରି ହେବ ତାହା ଏଠାରେ ବିପରିତ ହୋଇଛି । ଜଣଙ୍କ ନାମରେ ୧ରୁ ୧୫ କ୍ରମିକ ଭିତରେ ଜଣେ ଚାଷୀଙ୍କ ନାମ ରହିଥିବା ଦେଖିବାକୁ ମିଳୁଛି। ଯେଉଁ ମଣ୍ଡିରେ ଧାନ ବିକ୍ରି ହେଉଛି ସେଠାରେ କେତେକ ଦଲାଲଙ୍କ ଧାନ ବିକ୍ରି ହେଉଛି। ଗରିବ ଲୋକଙ୍କ ଧାନ କିଭଳି ବିକ୍ରି ହୋଇପାରିବ ସେ ବ୍ୟବସ୍ଥା ନାହିଁ। ମଣ୍ଡିରେ ମିଲର ଧାନ କିଣୁ ନ ଥିବାରୁ ଧାନଗୁଡିକ ପଡିରହୁଛି । ଟୋକନ ବ୍ୟବସ୍ଥାକୁ ଉଠାଇବାକୁ ସେ ଦାବି କରିଛନ୍ତି । ବିଧାୟକ କହିଛନ୍ତି ସରକାରଙ୍କ ଧାନ କିଣା ପଦ୍ଧତି ଠିକ ନାହିଁ। ଜଣେ ବାଷୀ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନ ଥିବା ଚିନ୍ତାଜନକ ହୋଇଛି।